# ଫ୍ଲାଏଓଭର ନିର୍ମାଣ ଦାବିରେ ରାସ୍ତାରୋକୋ

ବାଲେଶ୍ୱର ଅଫିସ, ୫।୨

ବାଲେଶ୍ୱର ଜିଲା ବାମପଦାଠାରେ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ଓ ରାସ୍ତା ମରାମତି ଦାବିରେ ବୁଧବାର ବାମପଦା ସୁରକ୍ଷା ମଞ୍ଚ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଘଟଣାସ୍ଥଳରେ

## ଦାବି ପୂରଣ ପ୍ରତିଶ୍ରୁତି ପରେ ହଟିଲା

ଜିଲା ପ୍ରଶାସନର ଅଧିକାରୀମାନେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ଶାଳବଣିଠାରୁ ସେରଗଡ଼ ଟୋଲପ୍ଲାଜା ପର୍ଯ୍ୟନ୍ତ ୧୬ ନମ୍ବର ଜାତୀୟ ରାଜପଥ ଓ ଏହାର ପାର୍ଶ୍ୱରେ ଥିବା ସର୍ଭିସରୋଡ୍‌ର ତୁରନ୍ତ ମରାମତି, ବିରଳା ଟାୟାର୍ସ ନିକଟସ୍ଥ ବାମପଦାଠାରେ ଫ୍ଲାଏଓଭର ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବାମପଦାଠାରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ବାମପଦା ସୁରକ୍ଷା ମଞ୍ଚର ଆହ୍ୱାନକ୍ରମେ ଦଳମତ ନିର୍ବିଶେଷରେ ବହୁସଂଖ୍ୟକ ଜନସାଧାରଣ ସକାଳ ୯ଟାଠାରୁ ରାଜପଥ ଉପରେ ବସି ଆନ୍ଦୋଳନ କରିଥିଲେ। ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ସୀତାରାମ ପ୍ରଧାନ, ବିପିନ ମାରାଣ୍ଡି, ପୂର୍ବତନ ଜିଲାପରିଷଦ ସଭ୍ୟ ଦିଲୀପ ନାୟକ, ବାମପଦା ସୁରକ୍ଷା ମଞ୍ଚର ସଭାପତି ବିଶ୍ୱଜିତ ଘୋଷ, ସମ୍ପାଦକ ଅନଙ୍ଗ ପଟ୍ଟନାୟକ, ଉପଦେଷ୍ଟା ଧୀରେନ୍ଦ୍ର ମହାପାତ୍ର, ନିରଞ୍ଜନ ଦାସ, ଗଣେଶ ନାୟକ, ରବୀନ୍ଦ୍ର ମିସ୍ତ୍ରୀ, ମାୟାଧର ପଣ୍ଡା, ସୁତେଇ ସରପଞ୍ଚ ବୁଲୁ ମହାଲିକ ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଥିଲା। ଅବରୋଧ ଯୋଗୁ ଜାତୀୟ ରାଜପଥର ଉଭୟପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଉପଜିଲାପାଳ ନିଲୁ ମହାପାତ୍ର, ସଦର ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ବ୍ରିଜ ଗୋପାଳ ଓ ବାଲେଶ୍ୱର-ଭଦ୍ରକ କନ୍‌ଷ୍ଟ୍ରକସନ କମ୍ପାନୀର ପ୍ରତିନିଧିମାନେ ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରିଥିଲେ। ୧୦ଦିନ ମଧ୍ୟରେ ସମସ୍ତ ମରାମତି କାର୍ଯ୍ୟ ଶେଷ କରାଯିବା, ଫ୍ଲାଏଓଭର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ରେମୁଣା ଗୋଲେଇ ଓ ବାମପଦାଠାରେ ହାଇମାଷ୍ଟ ଆଲୋକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣକୁ କଡ଼ାକଡ଼ି କରାଯିବ ବୋଲି ଜିଲା ପ୍ରଶାସନର ପ୍ରତିଶ୍ରୁତି ଦେବାରୁ ମଧ୍ୟାହ୍ନରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ବାମପଦା ସୁରକ୍ଷା ମଞ୍ଚ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଛି।

# ଶିକ୍ଷକ ନିଲମ୍ବିତ

**ବାଲେଶ୍ୱର ଅଫିସ ୫।୨:** ବାଲେଶ୍ୱର ପୋଲିସ ଲାଇନ୍‌ପଡ଼ିଆରେ ଆୟୋଜିତ ଜିଲାସ୍ତରୀୟ ୭୧ତମ ଜନରାଜ୍ୟ ଦିବସରେ ଚଳିତବର୍ଷ ହାଇସ୍କୁଲସ୍ତରରେ ପୋଲିସ ହାଇସ୍କୁଲ ପକ୍ଷରୁ ଏନ୍‌ସିସି ଟିମ୍ ପ୍ୟାରେଡ୍ ପ୍ରତିଯୋଗିତାରେ ପ୍ରଥମ ବିବେଚିତ ହୋଇଥିଲେ। ଉକ୍ତ ଦଳରେ ୭ଜଣ ପିଲା(ପୂର୍ବତନ ଛାତ୍ର ଏବଂ ଅଣଛାତ୍ର)ଙ୍କୁ ପରେଡ୍ କରିବାରେ ସୁଯୋଗ ଦେଇଥିଲେ ଏନ୍‌ସିସି ଦାୟିତ୍ୱରେ ଥିବା ଶିକ୍ଷକ ସୁଦର୍ଶନ ଜେନା। ଶିକ୍ଷକ ଜେନା ଦୀର୍ଘ ୫ବର୍ଷ ଧରି ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଦଳରେ ସାମିଲ କରି ପୁରସ୍କାର ହାତେଇବା ଜାରି ରଖିଛନ୍ତି। ଅଣଛାତ୍ରମାନେ ଜିଲାପାଳ, ଏସ୍‌ପି, ନିମନ୍ତ୍ରିତ ଅତିଥି ତଥା ମନ୍ତ୍ରୀଙ୍କ ଠାରୁ ପୁରସ୍କାର ନେଉଥିବାବେଳେ ବିଦ୍ୟାଳୟର ବର୍ତ୍ତମାନର ଛାତ୍ରୀଛାତ୍ର ଏହି ସୁଯୋଗରୁ ବଞ୍ଚିତ ହେଉଥିବାରୁ ଏହାର ପ୍ରତିବାଦ

## ପରେଡ୍‌ରେ ଅଣଛାତ୍ର ଟ୍ରଫି ହାତେଇନେବା ଘଟଣା

କରିଥିଲେ। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ ଷଡଙ୍ଗୀ ତଦନ୍ତ କରି ଶିକ୍ଷକ ସୁଦର୍ଶନ ଜେନାଙ୍କୁ ବୁଧବାର ନିଲମ୍ବିତ କରିଥିବାର ଜଣାପଡ଼ିଛି।

## ସଂକ୍ଷେପରେ

### ନାବାଳିକାକୁ ଅପହରଣ କରି ବିବାହ ଘଟଣା

# ଜେଲ ଗଲେ ଅଭିଯୁକ୍ତ ସ୍ୱାମୀ

**ରୂପ୍‌ସା,୫।୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ସାର୍ଥା ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ବିବାହ କରିଥିବା ଅଭିଯୋଗରେ ସିଂଲା ଥାନା ପୋଲିସ ଶୁକଦେବ ମଲିକ (୩୦)ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଅଭିଯୁକ୍ତ ଶୁକଦେବ ଉକ୍ତ ନାବାଳିକାଙ୍କୁ ଅପହରଣ କରି ଚନ୍ଦନେଶ୍ୱର ସ୍ଥିତ ଏକ ମନ୍ଦିରରେ ବିବାହ କରିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୨୮/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା। ନାବାଳିକା ସ୍ତ୍ରୀକୁ ନେଇ ଶୁକଦେବ ମହାପଦା ଗାଁ ବାସଭବନରେ ରହୁଥିବା ଖବରପାଇ ଆଇଆଇସି ପ୍ରଶାନ୍ତ କୁମାର ଜେନା ସଦଳବଳ ଚଢ଼ାଉ କରିଥିଲେ। ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଉଭୟଙ୍କୁ ବାଲେଶ୍ୱର କୋର୍ଟରେ ହାଜର କରାଯାଇ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ ହୋଇଥିଲା। ଏହାପରେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### 'ସଚେତନ ହେଲେ କର୍କଟର ମୂଳୋତ୍ପାଟନ ସମ୍ଭବ'

**ରୂପ୍‌ସା,୫।୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ 'କର୍କଟ ରୋଗର ନିରାକରଣ ସମ୍ଭବ' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମେଡ଼ିକାଲ ଅଫିସର ଡା. ବିନୟ କୁମାର ଦାସ ମହାପାତ୍ର ଅଧ୍ୟକ୍ଷତା କରି ଜନସାଧାରଣ ସଚେତନ ହେଲେ କର୍କଟ ରୋଗର ମୂଳୋତ୍ପାଟନ ହୋଇପାରିବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଆୟୁଷ ମେଡ଼ିକାଲ ଅଫିସର ଡା. ଅସୀତ କୁମାର ପ୍ରଧାନ, ପ୍ରାକ୍ତନ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ଜୈବିକ ପ୍ରଣାଳୀରେ ଉତ୍ପାଦିତ ପନିପରିବା, ପୁଷ୍ଟିକର ଖାଦ୍ୟ ସେବନ ଦ୍ୱାରା କର୍କଟ ଆକ୍ରାନ୍ତର ଆଶଙ୍କା କମ୍ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ନିଶାଦ୍ରବ୍ୟ ବର୍ଜନ ସହ ସମସ୍ତେ ସଚେତନ ହେଲେ କର୍କଟ ଆକ୍ରାନ୍ତ ଓ ପୀଡ଼ିତଙ୍କ ମୃତ୍ୟୁ ହାର ସଂଖ୍ୟା ହ୍ରାସ ପାଇପାରିବ ବୋଲି ସଚେତନ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ସମସ୍ତ ଆଶାକର୍ମୀ, ଅଙ୍ଗନୱାଡ଼ିକର୍ମୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସତ୍ୟସୁନ୍ଦର ଗୋସ୍ୱାମୀ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

### ଖଇରା ବ୍ରାହ୍ମଣ ସମିତିର ପ୍ରତିଷ୍ଠା ଦିବସ

**ଖଇରା,୫।୨(ଡି.ଏନ୍.ଏ):** ଖଇରା ଆଞ୍ଚଳିକ ବ୍ରାହ୍ମଣସମିତିର ୧୧ତମ ପ୍ରତିଷ୍ଠା ଦିବସ ତଥା ପଣ୍ଡିତ ଶ୍ୟାମସୁନ୍ଦର ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ ଖଇରା ବ୍ଲକ ଅଧୀନ ବିଦ୍ୟାଧରପୁର ଶାସନ ପରିସରରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ଜଳଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବ୍ରାହ୍ମଣମାନେ ନିଜେ ସଂସ୍କାରିତ ହେବା ସହ ନିଜ ପରିବାର ସଦସ୍ୟଙ୍କୁ ମଧ ସଂସ୍କାରିତ କରିବା ଦରକାର ବୋଲି କହିଥିଲେ। ଜୋନ କର୍ମକର୍ତ୍ତା ବିଷ୍ଣୁମୋହନ ଶତପଥୀ, ମଧୁସୂଦନ ଆଚାର୍ଯ୍ୟ, ବାସୁଦେବ ପଣ୍ଡା, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ନିଜ ନିଜ ଅଞ୍ଚଳରେ ରହିଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହ ସଂଗଠନ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଔପଦା ବ୍ଲକ ସମ୍ପାଦକ ଦୈତାରୀ ପାଢ଼ୀ ନିଜ ବ୍ଲକରେ ସଂଗଠନର ସ୍ଥିତି ଉପରେ ଆଲୋଚନା କରିଥିଲେ। ସମ୍ପାଦକ ରମାକାନ୍ତ ଶତପଥୀ ବିବରଣୀ ପାଠ, ସଂଗଠନ ସମ୍ପାଦକ ବିଭୂତିଭୂଷଣ ତ୍ରିପାଠୀ, ଉପସଭାପତି ଗୌରଚନ୍ଦ୍ର ପାଠୀ, ଗଗନବିହାରୀ ପଣ୍ଡା, ବୁଦ୍ଧିରାମ ପାଣିଗ୍ରାହୀ ବ୍ରାହ୍ମଣମାନଙ୍କ ଏକତ୍ରିକରଣ ଉପରେ ଜୋର ଦେଇଥିଲେ। ଦ୍ୱାରିକାନାଥ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସ୍ରଷ୍ଟା'ର ୪୧ତମ ନାଟକ ମହୋତ୍ସବ ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ,୫।୨:** ବାଲେଶ୍ୱରର ନାଟ୍ୟ ସଂସ୍ଥା 'ସ୍ରଷ୍ଟା'ର ୪୧ତମ ନାଟକ ମହୋତ୍ସବ ଜିଲା ସଂସ୍କୃତି ପରିଷଦ ସହାୟତାରେ ଗାନ୍ଧୀ ସ୍ମୃତି ଭବନ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛଇ। ପୂର୍ବତନ ଏମ୍‌ପି ଇଂ. ରବିନ୍ଦ୍ର କୁମାର ଜେନା ମହୋତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଡ. ହରିଶ୍ଚନ୍ଦ୍ର ବେହେରା ଯୋଗଦେଇ ଦୀର୍ଘ ବର୍ଷ ହେବ ସ୍ରଷ୍ଟା ନାଟକକୁ ଲୋକାଭିମୁଖୀ କରିପାରିଥିବାରୁ ଅନୁଷ୍ଠାନର ସଦସ୍ୟମାନଙ୍କୁ ସାଧୁବାଦ ଜଣାଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ପାୟଲ ମହାପାତ୍ର ସଂଯୋଜନା କରିଥିଲେ। ଏହି ଅବସରରେ ପରମାନନ୍ଦ ସ୍ମୃତି ସମ୍ମାନ ବିଶିଷ୍ଟ ନାଟ୍ୟକାର ଡ. ପ୍ରଦୀପ ଭୌମିକଙ୍କୁ ପ୍ରଦାନ କରାଯାଇଥିବା ବେଳେ ବିଦ୍ୟୁତଲତା ସାହାଣୀ ସମ୍ମାନ ବିଶିଷ୍ଟ ଅଭିନେତ୍ରୀ ଅନ୍ନପୂର୍ଣ୍ଣା ଲେଙ୍କାଙ୍କୁ ପ୍ରଦାନ କରାଯାଇଥିଲା। ପରେ ହେମେନ୍ଦ୍ର ମହାପାତ୍ରଙ୍କ ରଚିତ ଓ ସଂଗ୍ରାମ କେଶରୀ ମହାନ୍ତିଙ୍କ ନିର୍ଦ୍ଦେଶିତ ହାସ୍ୟରସାତ୍ମକ ନାଟକ 'ଅର୍ଦ୍ଧ ଚନ୍ଦ୍ର ପ୍ରହସନ' ଅନୁଷ୍ଠିତ ହୋଇଥିଲା।

ସେହିପରି ମହୋତ୍ସବର ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବରେ ବାଲେଶ୍ୱର ଚେମ୍ବର୍ସ ଅଫ କମର୍ସର ସଭାପତି ହିମାଂଶୁ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାପତି ଗୌରୀଶଙ୍କର ସାହାଣୀ କାର୍ଯ୍ୟକ୍ରମରେ ସଞ୍ଚାଳନ କରିଥିଲେ। ସଭ୍ୟ ବ୍ରହ୍ମନାଥ ରଥ ମଞ୍ଚ ଆହ୍ୱାନ କରିଥିବାବେଳେ ବିଶ୍ୱଜିତ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବିଶିଷ୍ଟ ନାଟ୍ୟକାର ଡ. ନବିନ ପରିଡ଼ାଙ୍କ ରଚିତ ନାଟକ 'ଶୂନ୍ୟରୁ ଶୂନ୍ୟକୁ' ମଞ୍ଚସ୍ଥ ହୋଇ ଦର୍ଶକଙ୍କ ମନ ମୋହିଥିଲା। ଗୁରୁବାର ଉଦ୍‌ଯାପିତ ଉତ୍ସବରେ 'ସ୍ରଷ୍ଟା'ର ସଦସ୍ୟମାନଙ୍କ ଦ୍ୱାରା 'ଏରାତିପାହିବ କେବେ' ନାଟକ ମଞ୍ଚସ୍ଥ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।


'ଅର୍ଦ୍ଧ ଚନ୍ଦ୍ର ପ୍ରହସନ' ନାଟକର ଏକ ଦୃଶ୍ୟ।

# କର୍କଟ ସଚେତନତା ସଭା

**ବାଲେଶ୍ୱର ଅଫିସ, ୫।୨:** ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବୁଧବାର ଦାମୋଦରପୁର ଅଞ୍ଚଳରେ କର୍କଟ ଦିବସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କ ସଭାପତିତ୍ୱରେ ସଦର ବିଧାୟକ ମଦନମୋହନ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍କଟ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯାମୀ ମିଶ୍ର, ସୁନହଟର ମେଡିକାଲ ଅଫିସର ଡା. ମମତା ସାହୁ, ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ନରେଶ ଚନ୍ଦ୍ର ଦାସଙ୍କ ସମେତ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

# କେରଳ ଦମ୍ପତିଙ୍କ ପୋଷ୍ୟକନ୍ୟା ଗ୍ରହଣ


ଅଧିକାରୀଙ୍କ ଗହଣରେ ଶିଶୁକନ୍ୟାକୁ କେରଳ ଦମ୍ପତି ଗ୍ରହଣ କରୁଛନ୍ତି।

**ବାଲେଶ୍ୱର ଅଫିସ, ୫।୨:** ବାଲେଶ୍ୱର ଶିଶୁମଙ୍ଗଳ କମିଟି ଅଧୀନରେ ଥିବା ନିର୍ମଳା ଶିଶୁ ଭବନର ଏକ ଦେଢ଼ବର୍ଷର ଶିଶୁକନ୍ୟାକୁ କେରଳ ଦମ୍ପତି ଏ. ଆମଜାଦ୍ ଖାଁ ଓ ତାଙ୍କ ପତ୍ନୀ ସାଲିନା ଏନ୍. ଶିଶୁକନ୍ୟା ଭାବେ ବୁଧବାର ଗ୍ରହଣ କରିଛନ୍ତି।

କେରଳର ନେଦୁମାନଗଡ଼ ଜିଲା ଭାଲିକୋଡ଼ା ହସପିଟାଲ ନିକଟ ଏସ୍‌ଆର୍‌କେ ଫ୍ଲାଟ୍ ପାଖରେ ବସବାସ କରୁଥିବା ଉଭୟ ଦମ୍ପତି ଗୋଟିଏ ପିଲାକୁ ପୋଷ୍ୟକନ୍ୟା ରୂପେ ଗ୍ରହଣ କରିବା ସକାଶେ ନିୟମାନୁସାରେ ଅନଲାଇନ୍‌ରେ ପୂର୍ବରୁ ଦରଖାସ୍ତ କରିଥିଲେ। ସେହି ଦରଖାସ୍ତ ଆଧାରରେ ବିଚାର କରାଯାଇ ବୁଧବାର ଉକ୍ତ ଦମ୍ପତି ନିର୍ମଳା ଶିଶୁ ଭବନରେ ରହୁଥିବା ଏକ ଶିଶୁକନ୍ୟାକୁ ପୋଷ୍ୟକନ୍ୟା ରୂପେ ବାଲେଶ୍ୱର ଶିଶୁମଙ୍ଗଳ କମିଟି ଅଫିସରୁ ଗ୍ରହଣ କରିଛନ୍ତି। ଏହି ସମୟରେ କମିଟିର ଅଧ୍ୟକ୍ଷ ଭାଗିରଥି ବାରିକ, ସଦସ୍ୟା ଗୌରୀରାଣୀ ଉପାଧ୍ୟାୟ, ସଦସ୍ୟ ପଦ୍ମଲୋଚନ ଦତ୍ତ, ଆଶିଷ କୁମାର ଘୋଷ, ଗଣେଶ୍ୱର ରାଉତଙ୍କ ସମେତ ଶିଶୁ ସୁରକ୍ଷା ୟୁନିଟ୍‌ର ସତ୍ୟରଞ୍ଜନ ସ୍ୱାଇଁ, ମୁକ୍ତିକାନ୍ତ ପଣ୍ଡା ଏବଂ ଅଫିସ୍ ସହାୟକ ଦେବାଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ 'ଷ୍ଟୋନା ଫେୟାର୍-୨୦୨୦' ପାଇଁ ଯୁବ ପ୍ରସ୍ତରଶିଳ୍ପୀ ଉପେନ୍ଦ୍ର ମନୋନୀତ

ବାଲେଶ୍ୱର ଅଫିସ,୫।୨



ବାଙ୍ଗାଲୋର୍‌ର ଫେଡ଼େରେସନ୍ ଅଫ୍ ଇଣ୍ଡିଆନ୍ ଗ୍ରାନାଇଟ୍ ଆଣ୍ଡ ଷ୍ଟୋନ୍ ଇଣ୍ଡଷ୍ଟ୍ରି ତରଫରୁ ଆୟୋଜିତ ୧୪ତମ 'ଷ୍ଟୋନା-ଫେୟାର୍-୨୦୨୦'ରେ ଭାଗ ନେବା ପାଇଁ ବାଲେଶ୍ୱରର ଯୁବ ପ୍ରସ୍ତରଶିଳ୍ପୀ ଉପେନ୍ଦ୍ର ଗିରି ମନୋନୀତ ହୋଇଛନ୍ତି। ଏନେଇ ଜିଲା ତଥା ରାଜ୍ୟର ବିଭିନ୍ନ ଶିଳ୍ପୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଫେବୃଆରୀ ୬ ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରସ୍ତରଶିଳ୍ପୀଙ୍କ କାରୁକାର୍ଯ୍ୟକୁ ନେଇ ଆୟୋଜିତ ଏହି ବୃହତ ଅନ୍ତର୍ଜାତୀୟ ମେଳାରେ କେବଳ ପଥର ସମ୍ବନ୍ଧୀୟ ସମସ୍ତ ଉପକରଣ ଯଥା ଆଧୁନିକ ଯନ୍ତ୍ରପାତି, କାରୁକାର୍ଯ୍ୟ ଓ ବିଭିନ୍ନ ପ୍ରକାର ପଥରମାନ ପ୍ରଦର୍ଶିତ ହେଉଥିବାବେଳେ ଦେଶ ବିଦେଶର ବଡ଼ ବଡ଼ କମ୍ପାନୀମାନେ ଅଂଶଗ୍ରହଣ କରିଥାନ୍ତି। ଉକ୍ତ ମେଳା ଦୁଇବର୍ଷରେ ଥରେ ଲେଖାଏଁ ଆୟୋଜିତ ହୋଇଥାଏ। ଏଥିରେ ଭାଗନେବା ପାଇଁ ସଂସ୍ଥା ଦ୍ୱାରା ଖୋଲା ଯାଇଥିବା ୱେବସାଇଟ୍‌ରେ ଆବେଦନ କରାଯିବା ପରେ ଶିଳ୍ପୀ ଚୟନ କରାଯାଏ। ଚଳିତବର୍ଷ ବାଲେଶ୍ୱରର ରାମେଶ୍ୱର ମନ୍ଦିର ସନ୍ନିକଟ ଅଞ୍ଚଳରେ ରହୁଥିବା ଷ୍ଟୋନ୍ ଆର୍ଟିଷ୍ଟ ଉପେନ୍ଦ୍ର ଗିରି ଏହି ଆନ୍ତର୍ଜାତିକ ମେଳାରେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି।

ଯୁବ ପ୍ରସ୍ତରଶିଳ୍ପୀ ଗିରି କହନ୍ତି, ଉକ୍ତ ପ୍ରସ୍ତରଶିଳ୍ପ ମେଳାରେ ଉନ୍ନତମାନର ପଥର କଳା ପ୍ରଦର୍ଶନ କରିବା ସହ ବଡ଼ ବଡ଼ ବୁଦ୍ଧ ମୂର୍ତ୍ତି ସହ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ତଥା ଆଧୁନିକ ପଥର ଖୋଦେଇ କାରୁକାର୍ଯ୍ୟ ମାନ ପ୍ରଦର୍ଶନ କରିବେ ବୋଲି ପ୍ରକାଶ କରିଛନ୍ତି।

# ଚାନ୍ଦପୁର ବିକାଶ ମେମୋରିଆଲ ଚାମ୍ପିୟନ

ଖଇରା,୫।୨(ଡି.ଏନ.ଏ)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ମିନିଷ୍ଟଡିୟମରେ ଚାଲିଥିବା ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇ ଯାଇଛି। ଫାଇନାଲ ମ୍ୟାଚରେ ଚାନ୍ଦପୁର ବିକାଶ ମେମୋରିଆଲ କଟକ ଆରସି କ୍ଲବକୁ ୯୬ରନରେ ବ୍ୟବଧାନରେ ପରାସ୍ତ କରିଛି। ପ୍ରଥମେ ଟସ ଜିତି କଟକ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ୨୦ଓଭରରେ ଚାନ୍ଦିପୁର ୮ଉଇକେଟ ବ୍ୟବଧାନରେ ୨୪୦ରନ ସଂଗ୍ରହ କରିଥିଲା। ଜବାବରେ ୧୮ ଓଭରରେ କଟକର ସ୍କୋର ୧୪୪ ଥିବା ବେଳେ ସମସ୍ତ ଉଇକେଟ ପତନ ଯୋଗୁଁ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା। ପ୍ରଭାତ କୁମାର ସାହୁ, ପ୍ରଦୀପ ପାଢ଼ୀ ମ୍ୟାଚ ପରିଚାଳନା କରିଥିଲେ। ସମ୍ପଦ ଘଡେଇଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି, ଆକାଂକ୍ଷାର ପରିଚାଳନା ନିର୍ଦ୍ଦେଶକ ବିପିନ ଦାସମହାପାତ୍ର, ପତିରାଜପୁର ମେଳା କମିଟିର ସଭାପତି ପୀତାମ୍ବର ପଟ୍ଟନାୟକ, ସମ୍ପାଦକ ଭରତ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭୀଷ୍ମ ଚରଣ ନାୟକ, ସରପଞ୍ଚ ପୁଷ୍ପଲତା ଘଡେଇ, ପ୍ରାକ୍ତନ ସରପଞ୍ଚ କ୍ଷେତ୍ରମୋହନ ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟୀ ଚାନ୍ଦିପୁର ଦଳକୁ ୩୫ହଜାର ଏବଂ ରନର୍ସ ଅପ କଟକ ଦଳକୁ ୨୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କ୍ଷେତ୍ରମୋହନ ସାହୁ ସ୍କୋରର ଦାୟିତ୍ୱ ଏବଂ କୈଳାସ ମାଝୀ, ଶିବଶଙ୍କର ମହାନ୍ତି, ପ୍ରଦୀପ ସାମଲ ଧାରାବିବରଣୀ ପ୍ରଦାନ କରିଥିଲେ। ସନ୍ତୋଷ ବେହେରା, ଉଦ୍ଧବ ଘଡେଇ, ରବୀନ୍ଦ୍ର ମହାନ୍ତି ତଥା କ୍ରିକେଟ କମିଟିର ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ମୁଖ୍ୟଅତିଥି ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି।

# ୬ଲକ୍ଷ ୨୪ହଜାର ୩୬୬ ପିଲାଙ୍କୁ ଦିଆଯିବ ଔଷଧ

ବାଲେଶ୍ୱର ଅଫିସ, ୫।୨

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ଜିଲା ତାଲିମ କେନ୍ଦ୍ରଠାରେ ବୁଧବାର ପୂର୍ବାହ୍ନରେ ଜାତୀୟ କୃମିନାଶକ ଦିବସ ପାଳନ ନିମନ୍ତେ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୦ ତାରିଖରେ ଏହି ଦିବସ ପାଳନ କରାଯିବ। ଉକ୍ତ ଦିବସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାର ସମସ୍ତ ସରକାରୀ, ବେସରକାରୀ ସ୍କୁଲ, କଲେଜ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ କୃମିନାଶକ ଔଷଧ ଦିଆଯିବ। କୃମି ଯୋଗୁ ଶିଶୁ ରକ୍ତହୀନତା ଏବଂ ଅପପୁଷ୍ଟିଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଫଳରେ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ। ସମସ୍ତ ଶିଶୁଙ୍କୁ କୃମିନାଶକ ଔଷଧ ଯେପରି ଦିଆଯାଇପାରିବ, ସେଥିନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସ୍କୁଲ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ ଭଳି ବିଭାଗର ଅଧିକାରୀମାନେ ଏଥିଲାଗି ଯତ୍ନବାନ ହେବା ସହ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଗୁରୁତ୍ୱ ଦିଆଯାଇଥିଲା।

୧ରୁ ୫ ବର୍ଷ ମଧ୍ୟରେ ଥିବା ଶିଶୁମାନଙ୍କୁ କୃମିନାଶକ ସିରପ ଦିଆଯିବାକୁ ଥିବାବେଳେ ୬ ବର୍ଷରୁ ୧୯ ବର୍ଷ ମଧ୍ୟରେ ଥିବା ପିଲାଙ୍କୁ କୃମିନାଶକ ବଟିକା ପ୍ରଦାନ କରାଯିବ। ଜିଲାରେ ମୋଟ ୬ ଲକ୍ଷ ୨୪ ହଜାର ୩୬୬ ପିଲାଙ୍କୁ କୃମିନାଶକ ଔଷଧ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ କୌଣସି କାରଣରୁ ଏଥିରୁ ବଞ୍ଚିତ ହୋଇଥିବା ପିଲାମାନଙ୍କୁ ଫେବୃୟାରୀ ୧୭ ତାରିଖରେ ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ କୃମିନାଶକ ଔଷଧ ପ୍ରଦାନ କରାଯିବ। ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଯଥେଷ୍ଟ ମାତ୍ରାରେ କୃମିନାଶକ ଔଷଧ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି। ଏହାଛଡ଼ା ନିଜ ପରିବେଶକୁ ନିର୍ମଳ ରଖିବା, ବାହାରେ ମଳତ୍ୟାଗ ନ କରିବା, ଫଳ ଓ ପନିପରିବାକୁ ସଫା ପାଣିରେ ଧୋଇବା, ନଖ ପରିଷ୍କାର ରଖିବା ଏବଂ ଖାଇବା ପୂର୍ବରୁ ଓ ଶୌଚ ପରେ ହାତ ଧୋଇବା ପାଇଁ ସଚେତନତା ସୃଷ୍ଟି କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶଶାଙ୍କ ଶେଖର ଚୌଧୁରୀ, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଜିଲା ସମାଜ ମଙ୍ଗଳ ଅଧିକାରୀ କରୁଣାମାଳା ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଆର୍‌ସିଏଚ୍ ଡେପୁଟି ମ୍ୟାନେଜର ଏଲିନା ସାମଲ ଏ ସମ୍ପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଡିପିଏମ୍ ଅନିଲ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## କୃମିନାଶକ ଦିବସ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।


**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. 13/ET/SBP/ENGG/2019-20, ତା: 30.01.2020

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.43-eT-SDENE-SBP-19
**କାର୍ଯ୍ୟର ନାମ :** ସମ୍ପୂର୍ଣ୍ଣ ପ୍ଲାଟଫର୍ମ ଲମ୍ବକୁ କଭର କରିବା ନିମନ୍ତେ ବଲାଙ୍ଗୀର (ପ୍ଲାଟଫର୍ମ ନଂ.1, ପ୍ଲାଟଫର୍ମ ନଂ.2 ଏବଂ 3) ଠାରେ ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟରଗୁଡ଼ିକର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹4,98,41,006.34, EMD (ଟଙ୍କାରେ):₹ 3,99,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ।

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 13-eT-BRIDGE-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା-ବରଗଡ଼ ସେକ୍ସନରେ ପ୍ଲେଟ ଗର୍ଡ଼ର ବ୍ରିଜ: ବ୍ରିଜ ନଂ.76, 26, 44A, 53, 53A, 58, 62, 67 (ସ୍ପାନ୍ 1 ରୁ 5), 69, 92, 116, 137 ଏବଂ 160 ରେ ସାଇଡ୍ ପାଥୱେର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,76,95,606.07, EMD (ଟଙ୍କାରେ):₹ 2,38,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ।

3) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14-eT-BRIDGE-SBP-19
**କାର୍ଯ୍ୟର ନାମ :** ସିନିୟର ସେକ୍ସନ ଇଂଜିନିୟର/ବ୍ରିଜ/ସମ୍ବଲପୁର ପରିସୀମା ଅଧୀନସ୍ଥ ବ୍ରିଜ୍ ନଂ.7UP, 438, 406 ଏବଂ 26 ରେ ଗ୍ୟାଙ୍ଗ ପାଥ(Gang path)ର ପୁନଃସ୍ଥାପନ ସହିତ ଫଟା ରେଲ୍ ବିୟରର (Rail bearer) ଟପ୍ ଫ୍ଲେଞ୍ଜ ଆଙ୍ଗେଲ ଏବଂ ବ୍ରିଜ୍ ନଂ.293 DN, 331 DN ଏବଂ 406 ର ଅନ୍ୟ ଫଟା ମେମ୍ବରଗୁଡ଼ିକର ପୁନଃସ୍ଥାପନ, ବ୍ରିଜ୍ ନଂ.7 UP & DN, 293 UP & DN ଏବଂ ବ୍ରିଜ୍ ନଂ.406 ର କ୍ରସ୍ ଗର୍ଡ଼ରଗୁଡ଼ିକରେ କରୋଜନ ଗାର୍ଡ ଲଗାଇବା ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟ, ବ୍ରିଜ୍ ନଂ.247 DN, 239 DN, 195 SL ଏବଂ ବ୍ରିଜ୍ ନଂ.363 DN, 347 ର ବେଡ୍ ବ୍ଲକ୍ (Bed block)ର ଢିଲା ରିଭେଟ୍ (Loose Rivets)ଗୁଡ଼ିକର ମରାମତି, ସେକେଣ୍ଡ ହ୍ୟାଣ୍ଡ ରିଲିଜ୍‌ଡ ରିଭେଟେଡ୍ ଗର୍ଡ଼ର (ରେଙ୍ଗାଲି ଷ୍ଟେସନଠାରେ ଉପଲବ୍ଧ 1X12.2m, PG, Drg. No.RDSO/BA-11073) ସହିତ କ୍ଷତିଗ୍ରସ୍ତ ୱେଲ୍ଡେଡ୍ ଗର୍ଡ଼ରଗୁଡ଼ିକର ସ୍ଥାନାନ୍ତରଣ ଦ୍ୱାରା ସମ୍ବଲପୁର ଷ୍ଟେସନଠାରେ ବ୍ରିଜ୍ ନଂ.67(L-1, 1X12.20m) ର ମରାମତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹67,51,259.75, EMD (ଟଙ୍କାରେ):₹ 1,35,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ।

4) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 37-eT-DENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ ଷ୍ଟେସନଠାରେ ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟର (2bay, 06 ସଂଖ୍ୟକ)ଗୁଡ଼ିକର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,37,73,242.30, EMD (ଟଙ୍କାରେ):₹ 2,68,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ।

5) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 38-eT-DENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ପଏଣ୍ଟ/କ୍ରସିଙ୍ଗଗୁଡ଼ିକର ବିଫଳତା ଅବସରରେ ପଏଣ୍ଟ ଏବଂ ସିଗ୍ନାଲର ମ୍ୟାନିଙ୍ଗ ସୁବିଧା ନିମନ୍ତେ ଆରଙ୍ଗ ମହାନଦୀ ଏବଂ ବେଲସୋଣ୍ଡା ଠାରେ କଂକ୍ରିଟ ପାଥୱେ ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,62,44,818.85, EMD (ଟଙ୍କାରେ):₹ 2,31,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.26.02.2020 ରିଖ 1500 ଘଣ୍ଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-695/K/19-20

## ସଂକ୍ଷେପରେ

### ନିଶା ନିବାରଣ ସଚେତନତା

**ଭଣ୍ଡାରିପୋଖରୀ,୫।୨(ଡି.ଏନ୍.ଏ.)**- ଭଣ୍ଡାରିପୋଖରୀ ବ୍ଲକ ଚିଙ୍ଗୁଡ଼ିପୁରସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠଠାରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସ୍ୱେଚ୍ଛାସେବୀ ସଙ୍ଗଠନ ରୂପାୟନ ସହଯୋଗରେ ନିଶା ନିବାରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରୂପାୟନର ନିର୍ଦ୍ଦେଶିକା ଶ୍ରଦ୍ଧାଞ୍ଜଳି ରାୟ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଭାପତି ଡ. କମଳାକାନ୍ତ ସ୍ୱାଇଁ ଶିବିରକୁ ଉଦ୍‌ଘାଟନ କରିଥିଲେ। ନିଶାଠାରୁ ଦୂରେଇ ରହିବା ସହ ପ୍ରତ୍ୟେକ ପରିବାରରେ ନିଶାଗ୍ରସ୍ତ ଥିବା ବ୍ୟକ୍ତିଙ୍କୁ ନିଶାରୁ ନିବୃତ୍ତ ରହିବା ଦିଗରେ ସଚେତନତା ସୃଷ୍ଟି କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୁବ ସାମାଜିକ କର୍ମୀ ପ୍ରକାଶଜ୍ୟୋତି ମହାକୁଡ଼ ଏବେଠାରୁ ଛାତ୍ରୀଛାତ୍ର ନିଶାଠାରୁ ଦୂରେଇ ରହିଲେ ଭବିଷ୍ୟତରେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ପ୍ରମୋଦ ରାୟ, ପ୍ରଭାତ ଖିଲାର, ମଧୁସ୍ମିତା ବିଶ୍ୱାଳ, ଗୀତ ରୋଜାଲିନ ଓ ଦେବେନ୍ଦ୍ର ନାଥ ପାଣି ଯୋଗଦେଇ ଏଭଳି ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରଧାନ ଶିକ୍ଷକ ସୁବଳ ଚରଣ ପତ୍ରୀ ଧନ୍ୟବାଦ ଦେଇଥିଲେ।

### ଜନଅଭିଯୋଗ ଶୁଣାଣି ଶିବିର

**ଭଦ୍ରକ ଅଫିସ,୫।୨**- ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଅଧକ୍ଷତା କରିଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ସିଡିଏମ୍‌ଓ ଡା. ଜଗନ୍ନାଥ ପହିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶିବିରରେ ମୋଟ ୯୮ଟି ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି ହୋଇଥିଲା।

### କଲେଜ ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଧାମନଗର,୫।୨(ଡି.ଏନ୍.ଏ.)**-ଧାମନଗର ବ୍ଲକ କୋଠାରସ୍ଥିତ ମା' ଶାରଦା ଦେବୀ ମହାବିଦ୍ୟାଳୟର ଅଧକ୍ଷ ନାରାୟଣ ଚନ୍ଦ୍ର ମିଶ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧାପକ ବିଶ୍ୱମ୍ଭର ଦାସ ଅଧକ୍ଷତା କରିଥିଲେ। ପୂର୍ବତନ ସମ୍ପାଦକ ନାରାୟଣ ଚନ୍ଦ୍ର ପାଢ଼ୀ, ଅଧକ୍ଷ ସତ୍ୟବ୍ରତ ଭାରତୀ ଓ ପ୍ରାଧାପକ ଗଦାଧର ସାହୁ ପ୍ରମୁଖ ଯୋଗଦେଇ ବିଦାୟୀ ଅଧକ୍ଷଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହାପରେ ଅତିଥିମାନଙ୍କ ସହିତ ଶତାଧିକ ଛାତ୍ରୀଛାତ୍ର ଅଧକ୍ଷଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଅଧକ୍ଷଙ୍କ ସମେତ କଲେଜ କର୍ମଚାରୀ ଉମେଶ ଚନ୍ଦ୍ର ବେହେରାଙ୍କୁ ମଧ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧାପିକା ମନୋରମା ନାୟକ ସ୍ୱାଗତ ସଙ୍ଗୀତ ଗାନ ଓ ଅଧାପକ ଶ୍ରୀଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ରବୀନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅଧାପିକା ଅଧାପକ ଓ କର୍ମଚାରୀ ପରେଶ ରାଉତ, ନାରାୟଣ ଚନ୍ଦ୍ର ରାଉତରାୟ, ପ୍ରଭାତ ଧଳ, ଲୋକେଶ ପଣ୍ଡା, ପୁଷ୍ପାଞ୍ଜଳି ରାଉତ, ଅପର୍ଣ୍ଣା ପଣ୍ଡା, ସୁଜିତ ବୋଇତି, ହେମନ୍ତ ପାଣିଗ୍ରାହୀ, ପ୍ରଦୀପ ପାଲ, ଦାଶରଥି ଲେଙ୍କା, ମନୋଜ ବାରିକ, ଶଙ୍କର୍ଷଣ ଖଟୁଆ ଓ ଚକ୍ରଧର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଲେଭଲକ୍ରସିଂରେ ବିପଦପୂର୍ଣ୍ଣ ଯାତ୍ରା

**ତିହିଡ଼ି,୫।୨(ଡି.ଏନ୍.ଏ.)**

- ତିଆରି ହେଉନି ଫାଟକ
- ନିଯୁକ୍ତ ହେଉନାହାନ୍ତି ଜଗୁଆଳି


ତିହିଡ଼ି ବାରିଣୀପୋଖରୀ ନିକଟରେ ଥିବା ଲେଭଲକ୍ରସିଂ।

ଭଦ୍ରକ-ଧାମରା ରେଳପଥ ତିହିଡ଼ି ବ୍ଲକର ବିଭିନ୍ନ ଗ୍ରାମ୍ୟ ଉନ୍ନୟନ ରାସ୍ତା ଓ ଗ୍ରାମ୍ୟରାସ୍ତା ଦେଇ ଅତିକ୍ରମ କରିଛି। ମାତ୍ର ଏହିସବୁ ଲେଭଲକ୍ରସିଂରେ ଫାଟକ ନିର୍ମାଣ ହୋଇପାରି ନାହିଁ। ଫଳରେ ଲୋକେ ବିପଦପୂର୍ଣ୍ଣ ଭାବେ ରେଳପଥ ପାର୍ ହେଉଛନ୍ତି। ଅଞ୍ଚଳବାସୀ ବିଭିନ୍ନ ସମୟରେ ଧାମରା ପୋର୍ଟ କମ୍ପାନୀ ଲିମିଟେଡ(ଡିପିସିଏଲ) କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିପାରି ନ ଥିବା କୁହାଯାଇଛି। ଏହାକୁ ନେଇ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଫାଟକ ନିର୍ମାଣ ହୋଇ ନ ଥିବାବେଳେ ଲେଭଲକ୍ରସିଂରେ ଜଗୁଆଳି ମଧ ନିଯୁକ୍ତ ହୋଇନାହାନ୍ତି। ଜଗୁଆଳି ଥିଲେ ରେଳର ଗତିବିଧି ଉପରେ ଦୃଷ୍ଟି ରଖି ଲୋକଙ୍କୁ ସତର୍କ କରାଇବା ସମ୍ଭବ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି।

ତିହିଡ଼ି ମାଟିଆସାହି ରାସ୍ତାର ବାରିଣୀପୋଖରୀ ନିକଟରେ ଏକ ଲେଭଲକ୍ରସିଂ ରହିଛି। ଏହି ରାସ୍ତାରେ ଭାଟପଡ଼ା, ମହରମପୁର, ସୟା ଓ ବାହାବଳପୁର ପଞ୍ଚାୟତର ଲୋକ ଯାତାୟାତ କରିଥାନ୍ତି। ଏହାଛଡ଼ା ରାସ୍ତାଟି ବାସୁଦେବପୁର ବ୍ଲକକୁ ସଂଯୋଗ କରୁଥିବାରୁ ଉଭୟ ବ୍ଲକର ଲୋକ ରାସ୍ତାରେ ବିଭିନ୍ନ କାର୍ଯ୍ୟ ନେଇ ଯିବା ଆସିବା କରନ୍ତି। ଏହାଛଡ଼ା ସ୍କୁଲ, କଲେଜ, ଛାତ୍ରୀଛାତ୍ର ଏବଂ ଯାନବାହନ ରେଳପଥ ଅତିକ୍ରମ କରିଥାନ୍ତି। ରେଳପଥ ନିର୍ମାଣ ହେବାକୁ ୧୦ବର୍ଷ ପୂରି ଯାଇଥିଲେ ମଧ ଫାଟକ ନିର୍ମାଣ ସମ୍ଭବ ହୋଇପାରିନାହିଁ। ସେହିପରି ରେଳପଥର ଅଚକ ନିକଟରେ ଅଣ୍ଡରପାସ୍ ନିର୍ମାଣ ପାଇଁ ଦାବି ହୋଇଥିଲା। ଅଞ୍ଚଳବାସୀ ବିଭିନ୍ନ ସମୟରେ ରେଳପଥ ଅବରୋଧ କରି ଆନ୍ଦୋଳନ କରିଥିଲେ। ମାତ୍ର ଅଣ୍ଡରପାସ୍ ନିର୍ମାଣ ତ ଦୂରର କଥା ଫାଟକ ନିର୍ମାଣ ସମ୍ଭବ ହୋଇପାରି ନାହିଁ। ଏହାଛଡ଼ା କମାରିଆ-ବାହାବଳପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ମଙ୍ଗଳପୁର, ଗନ୍ଧର୍ବପୋଖରୀ ଗ୍ରାମ୍ୟ ରାସ୍ତା ଏବଂ ପୀରହାଟ ଚାରବାଟିଆ ରାସ୍ତାରେ ମଧ ଲେଭଲକ୍ରସିଂ ରହିଛି। ପୀରହାଟ-ଚାରବାଟିଆ ରାସ୍ତା ଉପରେ ସାହାପୁର, ବାମନବିନ୍ଧା ଦୌଲତପୁର ପଞ୍ଚାୟତର ଲୋକ ଗମନାଗମନ କରିଥାନ୍ତି। ଏହାଛଡ଼ା ରାସ୍ତାର ଚାରବାଟିଆରେ ଥିବା ମନ୍ତେଇ ନଈ ପାର୍ ହୋଇ ଲୋକେ ବାସୁଦେବପୁରକୁ ମଧ ଯାଇଥାନ୍ତି। ଏହି ରାସ୍ତା ଗାନ୍ଧୀ ପଦଯାତ୍ରାର ସ୍ମାରକୀ ବହନ କରୁଥିଲେ ମଧ ରାସ୍ତାର ଲେଭଲକ୍ରସିଂରେ ଫାଟକ ନିର୍ମାଣ ନ ହେବା ଦୁର୍ଭାଗ୍ୟର ବିଷୟ ବୋଲି ସାହାପୁର ପଞ୍ଚାୟତ ଜାଫ୍ରାବାଦ ଗ୍ରାମର ସାମାଜିକ କର୍ମୀ ରବିନାରାୟଣ ମଲ୍ଲିକ ମତ ଦେଇଛନ୍ତି। ତିହିଡ଼ି ଗ୍ରାମର ସାମାଜିକ କର୍ମୀ ତଥା ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ବାପୁଜୀ ନାୟକ କହନ୍ତି, ବାରିଣୀପୋଖରୀ ନିକଟରେ ଫାଟକ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି ହୋଇଥିଲେ ମଧ ତାହା ପୂରଣ ହୋଇନାହିଁ। ଆଗାମୀ ଦିନରେ ଫାଟକ ନିର୍ମାଣ ଦାବିରେ ଆନ୍ଦୋଳନକୁ ଜୋରଦାର କରାଯିବ।

## ଛାତ୍ରୀଛାତ୍ର ସମୟାନୁବର୍ତ୍ତୀ ହେବା ଜରୁରୀ

### କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

**ବନ୍ତ,୫।୨(ଡି.ଏନ୍.ଏ.)**

ଛାତ୍ରୀଛାତ୍ର ପାଠ ପଢ଼ିବା ସହ ସମୟାନୁବର୍ତ୍ତୀ ହେବା ଜରୁରୀ ବୋଲି ବୁଧବାର ବନ୍ତ ବ୍ଲକ ଅଡ଼ାଳପଙ୍କସ୍ଥିତ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ନାୟକ ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅଧାପକ ଡ. ସୁଧାଂଶୁ ନାୟକ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ, ପୂର୍ବତନ ପ୍ରଧାନଶିକ୍ଷକ ରବିନାରାୟଣ ମହାପାତ୍ର, ଓଷ୍ଟାର ଜିଲା ସମ୍ପାଦକ ପ୍ରଦୀପ୍ତ କୁମାର ଦାଶ, ବ୍ଲକ ସମ୍ପାଦକ ଶଶୀଶେଖର କରଶର୍ମା, ପ୍ରାକ୍ତନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର କର, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଅପର୍ତ୍ତି ଚରଣ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକ ରବିନାରାୟଣ ପାଣିଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମହତାବ ମଇ ସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ବିମଳ ପ୍ରସାଦ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଆଲୋକ ମୁଖାର୍ଜୀ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ସିଦ୍ଧେଶ୍ୱର ପଣ୍ଡା, ଶିକ୍ଷୟିତ୍ରୀ ବନଲତା ଦାସ, ଆଶାଲତା ରାଜ, ସୁଷମା ମଲ୍ଲିକ, କର୍ମଚାରୀ ମନ୍ମଥ ଜେନା ଓ ରବୀନ୍ଦ୍ର ମାଝି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଶିକ୍ଷା ଓ କ୍ରୀଡ଼ା ଅଙ୍ଗାଙ୍ଗୀ ଭାବେ ଜଡ଼ିତ


ରାମଚନ୍ଦ୍ର ବିହାରୀଲାଲ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ,୫।୨**

ସ୍ଥାନୀୟ ରାମଚନ୍ଦ୍ର ବିହାରୀଲାଲ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ୨ଦିନ ଧରି ପାଳିତ ହୋଇଯାଇଛି। ଶିକ୍ଷା ଓ କ୍ରୀଡ଼ା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବାର୍ଷିକ ଉତ୍ସବ ପିଲାମାନଙ୍କ ମଧରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଦୀପକ ପାଢ଼ୀ, ମୁଖ୍ୟବକ୍ତା ବିଇଓ ଶମ୍ଭୁନାଥ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ପ୍ରଫୁଲ୍ଲ ପଲେଇ, ଶ୍ରୀକାନ୍ତ ପାଢ଼ୀ, ବୈକୁଣ୍ଠ ବିଶ୍ୱାଳ, ସିଆର୍‌ସିସି ଚନ୍ଦ୍ରକାନ୍ତ ଶୁକ୍ଳ, ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ ଓ ସରପଞ୍ଚ ଅଶ୍ୱିନୀ ରଣା ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଭାକର ଦାସ ଅତିଥି ପରିଚୟ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ମୋନାଲିସା ସାହୁ, ବୀଣାପାଣି ପଣ୍ଡା, ଅମିତା ପୁହାଣ, ସଂଘମିତ୍ରା ପରିଡା, ମମତା ବିଶ୍ୱାଳ, ସୁରେନ୍ଦ୍ର ସେଠୀ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ଦୀପକ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ

**ବନ୍ତ, ୫।୨(ଡି.ଏନ୍.ଏ.)**

ବନ୍ତ ବ୍ଲକ କେନ୍ଦୁଆପଦା ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତ ନନ୍ଦକିଶୋର ସ୍ୱାଇଁଙ୍କ ଏକାଦଶ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଦିବସବ୍ୟାପୀ ଗୀତାପାଠ, ନାମସଂକୀର୍ତ୍ତନ, ପ୍ରବଚନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ପଣ୍ଡିତ ବିଷ୍ଣୁମୋହନ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୀତାମ୍ବର ରାଉତ, ଓଷ୍ଟା ବ୍ଲକ ସମ୍ପାଦକ ଶଶୀଶେଖର କରଶର୍ମା, ଅଧାପକ ଚିନ୍ତାମଣି ମହାକୁଡ, ପ୍ରମୋଦ କୁମାର ଜେନା, ସମିତିସଭ୍ୟ ବିଜୟ କୁମାର ଖଟୁଆ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୁରଲୀଧର ଲେଙ୍କା, ଶିକ୍ଷକ ହରେକୃଷ୍ଣ ପାଣିଗ୍ରାହୀ, ଆଲୋକ ପ୍ରଧାନ, ପ୍ରବଚକ ଚିତ୍ତରଞ୍ଜନ ନାୟକ, ଅଧାପକ ପ୍ରଦୀପ ସ୍ୱାଇଁ, ତାରାକାନ୍ତ ମଲ୍ଲିକ ଓ ସୁଧୀର ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ଆଦର୍ଶ ଜୀବନୀ ଉପରେ କହିଥିଲେ।

## ଭାରତୀୟ ସଂସ୍କୃତି ଓ ପରମ୍ପରା ସର୍ବପୁରାତନ


ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି।

**ପଦ୍ମପୁର, ୫।୨(ଡି.ଏନ୍.ଏ.)**

ବାସୁଦେବପୁର ବ୍ଲକ ବାଲିମୁଣ୍ଡାଠାରେ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧାପକ କୀର୍ତ୍ତନ ବିହାରୀ ଦାସ, ମୁଖ୍ୟବକ୍ତା ବିଜ୍ଞାନ ଶିକ୍ଷକ ବିଷ୍ଣୁଚରଣ ଦାସ ଏବଂ ଅନ୍ୟତମ ଅତିଥି ଭାବେ ଘଣ୍ଟେଶ୍ୱର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରକାଶ କୁମାର ଜେନା, ଗୋଷ୍ଠୀ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସନାତନ ପଢ଼ିଆରୀ, ସାନକୃଷ୍ଣପୁର ସରପଞ୍ଚ ଗଦାଧର ନାୟକ, ଗିରିଜା ଶଙ୍କର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନ ଆଚାର୍ଯ୍ୟ ଦାଶରଥି ମହାକୁଡ଼ ବାର୍ଷିକ ବିବରଣୀ ପାଠ କରିଥିଲେ। ଭାରତୀୟ ସଂସ୍କୃତି ଓ ପରମ୍ପରା ବିଶ୍ୱର ସର୍ବପୁରାତନ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଉତ୍କଳ ଗୌରବଙ୍କ ମହାପ୍ରୟାଣ ଦିବସ


ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ଭଦ୍ରକ ଅଫିସ,୫।୨**

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାପ୍ରୟାଣ ଦିବସ ପାଳନ କରାଯାଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ଏବଂ ଭୂଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ପ୍ରମୁଖ କୋର୍ଟ ପରିସରରେ ଥିବା ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମଧୁବାବୁ ଥିଲେ ଓଡ଼ିଶା ପ୍ରଦେଶ ଗଠନର ସ୍ରଷ୍ଟା ଓ କର୍ଣ୍ଣଧାର। ତାଙ୍କର ଜୀବନବ୍ୟାପୀ ନିରବଚ୍ଛିନ୍ନ ସଂଗ୍ରାମ ଓ ସାଧନାର ଫଳଶ୍ରୁତି ହେଉଛି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନ ବୋଲି ଅଧିକାରୀମାନେ ବକ୍ତବ୍ୟରେ କହିଥିଲେ।

## ପ୍ରଗତି ଅଭିମୁଖୀ କରାଏ ମାନବିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା

**ଭଣ୍ଡାରିପୋଖରୀ,୫।୨(ଡି.ଏନ୍.ଏ.)**


ଚାମ୍ପିୟନ ସୋନାଲି ସିଂ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀସ୍ଥିତ ବଳଦେବଜୀଉ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରକୃତିବନ୍ଧୁ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ସଂଯୋଜକ ଅଭିମନ୍ୟୁ ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଗିରୀଶ ବିହାରୀ ମିଶ୍ର ଓ ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ସୁଧାକର ଦାଶ, ସିଆର୍‌ସିସି ଭାଗବତ ରାଉତ, ମୁରଲୀଧର ମହାନ୍ତି, ମମିତା ମହାନ୍ତି, ନିଖିଲ କୁମାର ଦାସ, ମଳୟ କୁମାର ସେଠୀ, ସମ୍ବିତ ରାଉତ, ରବିନାରାୟଣ ମଲିକ, ଧୀରେନ୍ଦ୍ର ସାହୁ, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କଠିନ ଅଧବସାୟ, ନୈତିକତା ଓ ମାନବିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ସମାଜକୁ ପ୍ରଗତି ଅଭିମୁଖୀ କରାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦାମୋଦର ଶତପଥୀ ବେଦପାଠ ଓ ଅତିଥି ପରିଚୟ ପ୍ରଦାନ, ଗୌରୀଶଙ୍କର ମିଶ୍ର ବିବରଣୀ ପାଠ କରିଥିଲେ। ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ଛାତ୍ରୀ ସୋନାଲି ସାହୁ ଓ ବର୍ଷା ପ୍ରିୟଦର୍ଶନୀ ସାମଲ। ପ୍ରକାଶ ବେହେରା, ସୋନାଲି ସିଂ, ଶୁଭଙ୍କର ପାଢ଼ୀ, ପ୍ରଦ୍ୟୁମ୍ନ ପ୍ରୀତମ ବେହେରା ପ୍ରମୁଖ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଚାମ୍ପିୟନ ବାଳିକା ବିଭାଗର ସୋନାଲି ସିଂ ଓ ବାଳକ ବିଭାଗର ପ୍ରକାଶ ବେହେରାଙ୍କୁ ଅତିଥି ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ପରିବେଶ କ୍ଷେତ୍ରରେ ଅବିନାଶ ଜେନାଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଇନ୍ଦ୍ରଜିତ୍ ମଲିକ, ମୋନାଲିସା କର, ଶୁଭେନ୍ଦୁ କୁମାର ମଲିକ, କେଦାରସେନ ମଲିକ, ସେକ୍ ଇମାମୁଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଅମୂଲ୍ୟ ମଲିକ ଧନ୍ୟବାଦ ଦେଇଥିଲେ।

## ସଂଗ୍ରାମୀ ମନ୍ଦରଧରଙ୍କ ପରଲୋକ

**ବନ୍ତ,୫।୨(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ଅଧୀନ ହାସିନପୁର ଗ୍ରାମର ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀ ମନ୍ଦରଧର ସାହୁ(୯୫)ଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସେ ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସାଧୀନ ଥିଲେ। ସେ ବିଭିନ୍ନ ସମୟରେ ନିଜକୁ ଜନହିତକର କାର୍ଯ୍ୟରେ ନିୟୋଜିତ କରିବା ସହ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ସୁରତ୍ନ, ସାନପୁଅ ରଞ୍ଜନଙ୍କ ସମେତ ୫ ଝିଅ ଏବଂ ପରିବାର, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପଞ୍ଚାୟତର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗଣିଜାଙ୍ଗ ବଜାର କମିଟି ପକ୍ଷରୁ ଶୋକ ପାଳନ କରାଯାଇଥିଲା। ବୁଧବାର ସକାଳେ ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ ଓ ଏମ୍‌ପିଙ୍କ ପ୍ରତିନିଧି ତ୍ରିନାଥ ମହାନ୍ତି ସ୍ୱର୍ଗତ ସାହୁଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ, ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅଧାପକ ଡ.ସୁଧାଂଶୁ ନାୟକ, ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ସୁବ୍ରତ ଦାସ, ଭାଜପା ନେତା ଅଭିମନ୍ୟୁ ସେଠୀ, ପଞ୍ଚାନନ ରାଉତ, ବ୍ଲକ ଅଧକ୍ଷ ଦେବେନ୍ଦ୍ର ଜେନା, ଉପାଧକ୍ଷା ମଞ୍ଜୁଲତା ଜେନା, ବନ୍ତ ମଣ୍ଡଳ ଭାଜପା ସଭାପତି ଖଗେଶ୍ୱର ବେହେରା, ଓଡ଼ଙ୍ଗ ସରପଞ୍ଚ କିଶୋର କିଙ୍କର ପଢ଼ିଆରୀ, ଶିକ୍ଷାବିତ୍ ରମାକାନ୍ତ ରାଉତ, ସେବା ସମବାୟ ସମିତି ସଭାପତି ଜଗନ୍ନାଥ ପାଣିଗ୍ରାହୀ, ଜିଲାପରିଷଦ ସଭ୍ୟା ରେବତୀ ନାୟକ, ସମାଜସେବୀ ଭୀମସେନ ସାମଲ, ବ୍ରହ୍ମାନନ୍ଦ ଘଡେଇ, ବିଷ୍ଣୁମୋହନ ପଣ୍ଡା ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ଆନ୍ଦୋଳନରୁ ଓହରିଲେ ରାଜସ୍ୱ ଅମଲା, କ୍ଷେତ୍ର କର୍ମଚାରୀ

**ଭଣ୍ଡାରିପୋଖରୀ,୫।୨(ଡି.ଏନ୍.ଏ.)**


କଲମଛାଡ଼ ଆନ୍ଦୋଳନ ସ୍ଥଳରେ ତହସିଲଦାର ଜିଲାପାଳଙ୍କ ପ୍ରତିଶ୍ରୁତି ସମ୍ପର୍କରେ କହୁଛନ୍ତି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅତିରିକ୍ତ ତହସିଲଦାର ଶରତ କୁମାର ସ୍ୱାଇଁ ଏବଂ ଆର୍‌ଆଇ ରାମନାରାୟଣ ସାମଲଙ୍କୁ ବାଲିମାଫିଆଙ୍କ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ରାଜସ୍ୱ ଅମଲା ଓ କ୍ଷେତ୍ର କର୍ମଚାରୀମାନେ ମଙ୍ଗଳବାରଠାରୁ କଲମଛାଡ଼ ଆନ୍ଦୋଳନ କରିଥିଲେ। ବୁଧବାର ଦ୍ୱିତୀୟ ଦିନରେ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ ଯୋଗୁ ତହସିଲର କୌଣସି କାମ ହୋଇପାରି ନ ଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁଙ୍କୁ ଡାକି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗୋଟିଏ ସପ୍ତାହ ମଧରେ ଗିରଫ କରାଯିବ ବୋଲି ଭୂୟାଁ ଆନ୍ଦୋଳନ ସ୍ଥଳରେ ପହଞ୍ଚି ତହସିଲଦାରଙ୍କୁ କହିଥିଲେ। ତହସିଲଦାର ଆନ୍ଦୋଳନରତ କର୍ମଚାରୀଙ୍କୁ ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ଏବଂ ସପ୍ତାହକ ମଧରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାଇଥିଲେ। ତହସିଲକୁ ଆସୁଥିବା ସାଧାରଣ ଲୋକଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ଅମଲା ଓ କ୍ଷେତ୍ର କର୍ମଚାରୀମାନେ ଆନ୍ଦୋଳନରୁ ଓହରିଥିଲେ।

### ଅତିରିକ୍ତ ତହସିଲଦାର ଓ ଆର୍‌ଆଇଙ୍କୁ ଆକ୍ରମଣ ଘଟଣା: ଆଉ ୨ ଗିରଫ

ଭଣ୍ଡାରିପୋଖରୀ ଅତିରିକ୍ତ ତହସିଲଦାର ଶରତ ସ୍ୱାଇଁ ଏବଂ ଆର୍‌ଆଇ ରାମନାରାୟଣ ସାମଲଙ୍କୁ ସୋମବାର କାର୍ଯ୍ୟାଳୟରେ ପଶି ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ଭଣ୍ଡାରିପୋଖରୀ ଥାନା ପୋଲିସ ଅଭିଯୁକ୍ତ ସନ୍ତୋଷ ବେହେରାଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଆଉ ୨ ଅଭିଯୁକ୍ତ ରମେଶ ରାଉତ ଓ ମନୋଜ ବେହେରାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ୧୦ଦିନରେ ୧୧ ୱାରେଣ୍ଟି ଗିରଫ

ଚମ୍ପୁଆ, ୫।୨(ଡି.ଏନ.ଏ)- ଚମ୍ପୁଆ ପୋଲିସ ଦ୍ୱାରା ବିଭିନ୍ନ ମାମଲାରେ ୧୦ ଦିନ ଭିତରେ ୧୧ ୱାରେଣ୍ଟିଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ଚମ୍ପୁଆ ପୋଲିସ ବଡ଼ବିଲ, ରରୁଆଁ, କରଞ୍ଜିଆ, ଯୋଡ଼ା, ବାସୁଦେବପୁର, କାଳିକାପ୍ରସାଦ ଓ ଚମ୍ପୁଆ ଅଞ୍ଚଳରୁ ଏମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସୂଚନା ଅନୁସାରେ ଏମାନଙ୍କ ଭିତରୁ କେତେଜଣଙ୍କ ନାମରେ ହତ୍ୟା ଓ କେତେଜଣଙ୍କ ନାମରେ ପୋକ୍ସୋ ଦଫା ଲାଗିଥିବା ଆଇଆଇସି ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଏମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ରାତି ଅଧିଆ ଚଢ଼ାଉ ଦ୍ୱାରା ଏହା ସଫଳ ହୋଇଛି ବୋଲି ଜଣାଯାଇଛି।

### ସହାୟତା ପାଇଁ ଧାଡ଼ିରେ ଦିବ୍ୟାଙ୍ଗ ମିହିର



କେନ୍ଦୁଝର, ୫।୨ (ସ୍ୱ.ପ୍ର.)-ସହାୟତା ପାଇଁ ସ୍ଥାନୀୟ ଘୁଟୁରୁ ଗ୍ରାମର ମିହିର କୁମାର ସେଠୀ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲମ୍ୱାଧାଡିରେ ଛିଡା ହୋଇ ଅପେକ୍ଷା କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ସେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଗୋଡଟି ଖରାପ ଥିବାରୁ ଠିକ ଭାବରେ ଚାଲିପାରୁନାହାନ୍ତି। ମା'ବାପା ଗରୀବ ହୋଇଥିବାରୁ ଭଲ ଭାବରେ ପ୍ରତିପୋଷଣ କରିପାରୁନାହାନ୍ତି। ପାଠପଢା ପ୍ରତି ବହୁତ ଆଗ୍ରହ ଅଛି କିନ୍ତୁ ମିଳୁଥିବା ଭତ୍ତାରେ ଚଳିବା ସୁବିଧା ହେଉନାହିଁ । ଫଳରେ ପାଠପଢାରେ ଅସୁବିଧା ହେଉଥିବାରୁ ସହାୟତା ପାଇଁ ଆସିଥିବା ମିହିର କହିଛନ୍ତି।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦୁଝର, ୫।୨ (ସ୍ୱ.ପ୍ର.)-ସ୍ଥାନୀୟ ଏନଏସ ପୋଲିସ ହାଇସ୍କୁଲର କଳା ଶିକ୍ଷକ ଲକ୍ଷ୍ମୀଧର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସଞ୍ଜୟ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ମିଶ୍ର, ସମ୍ମାନିତ ଅତିଥି ରାଧାକୃଷ୍ଣ ବିଦ୍ୟାପୀଠ, କୁଣ୍ଡାପିଠାର ପ୍ରଧାନଶିକ୍ଷକ ସୁରେନ୍ଦ୍ର ସାହୁ , ୟୁଟିଆ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟ, ପୂର୍ବତନ ଶିକ୍ଷକ ବିଭୂପ୍ରସାଦ ସେନାପତି ସମେତ ବହୁ ଯୋଗଦେଇ ସମ୍ବର୍ଦ୍ଧନା ଦେବା ସହ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ ଏବଂ ଦୀର୍ଘଜୀବନ କାମନା କରିଥିଲେ। ପୋଲିସ ହାଇସ୍କୁଲର ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ, ଛାତ୍ରୀଛାତ୍ରଶିକ୍ଷୟିତ୍ରୀ/ଶିକ୍ଷକ ଉପସ୍ଥିତ ରହି ଫୁଲ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ନିଜର କାର୍ଯ୍ୟ ସମୟର ଅନୁଭୂତି ବର୍ଣ୍ଣନା କରିବା ସହ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୦୧୯ ପଞ୍ଚମ ଶ୍ରେଣୀ ବୃତ୍ତି ଫଳ ପ୍ରକାଶିତ

ଚମ୍ପୁଆ, ୫।୨(ଡି.ଏନ.ଏ)- ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗରେ ଅନୁଷ୍ଠିତ ୨୦୧୯ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତ୍ରିନାଥ ମହାନ୍ତ ୧ମ, ବି.କରଞ୍ଜିଆ ଶିଶୁ ମନ୍ଦିରର ପ୍ରଜ୍ଞାପୂଜା ମହାନ୍ତ ୨ୟ, କୋଦଗାଡିଆ ୟୁଜିୟୁପି ସ୍କୁଲର ଅନିମେଶ ବାରିକ ୩ୟ, ଚମ୍ପୁଆ ଶିଶୁ ମନ୍ଦିରର ରତିକାରାଣୀ ମହାନ୍ତ ୪ର୍ଥ, ବି.କରଞ୍ଜିଆ ଶିଶୁ ମନ୍ଦିରର ମୁକେଶ କୁମାର ମହାନ୍ତ ୫ମ, ଷଡ଼ଙ୍ଗୀ ପ୍ରାଇମେରୀ ସ୍କୁଲର ପ୍ରତିକ୍ଷା ସାହୁ ୬ଷ୍ଠ ଓ ଟାଙ୍ଗରବନ୍ତଳା ଶିଶୁ ମନ୍ଦିରର ସୁମନ ମହାନ୍ତ ୭ମ ସ୍ଥାନ ଅଧିକାର କରିଛନ୍ତି। ଏତଦ୍‌ବ୍ୟତୀତ ବିପିଏଲ୍, ଅନ୍ତ୍ୟୋଦୟ, ମୋ କୁଡିଆ ପ୍ରାପ୍ତ ଆଦି ଶ୍ରେଣୀର ୭ ଛାତ୍ରଙ୍କୁ ଏହି ବୃତ୍ତି ମେରିଟ୍ ଲିଷ୍ଟରେ ରଖାଯାଇଥିବା ଜଣାଯାଇଛି। ଏହି ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ୨୪ଶହ ଟଙ୍କା ଲେଖାଏ ବୃତ୍ତି ପ୍ରଦାନ କରାଯିବ।

# ଧାନ, ବାଦାମ ସବ୍‌ସିଡି ହେର୍‌ଫେର

### କୋଟିଆନେଣ୍ଡିରେ ଚାଷୀ ମେଳି

ଘସିପୁରା, ୫।୨(ଡି.ଏନ.ଏ.)

ଘସିପୁରା ବ୍ଲକ ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ କୋଟିଆନେଣ୍ଡି ଗ୍ରାମର ଚାଷୀଙ୍କ ନାମରେ ଧାନ ଓ ବାଦାମ ଚାଷ ବାବଦକୁ ଆସିଥିବା ସବ୍‌ସିଡି ଅର୍ଥ ବାଟ ମାରଣା ହୋଇଥିବା ଅଭିଯୋଗରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ଶ୍ରୀ ପ୍ରଣାଳୀରେ ଧାଡ଼ିରୁଆ ଧାନଚାଷ ଓ ବାଦାମ ଚାଷ ପାଇଁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ସବସିଡି ଅର୍ଥ ଯୋଗାଇ ଦେଉଥିବା ବେଳେ ଉକ୍ତ ଗ୍ରାମର ପ୍ରକୃତ ଚାଷୀଙ୍କୁ ସବସିଡି ଅର୍ଥ ଦିଆଯାଇ ନଥିବା ଅଭିଯୋଗ ହୋଇଛି। ଏହି ଯୋଜନାରେ ଉକ୍ତ ଗ୍ରାମର ପ୍ରାୟ ୬ଏକର ଜମିରେ ବାଦାମ ଚାଷ କରିବା ପାଇଁ ୧୮ଜଣ ଚାଷୀଙ୍କୁ ହିତାଧିକକାରୀ ଭାବେ ଚୟନ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଦାଶରଥି ଜେନା,



ସବ୍‌ସିଡି ଅର୍ଥ ବାଟମାରଣା ଅଭିଯୋଗରେ ଚାଷୀମାନେ ମେଳି ବାନ୍ଧିଛନ୍ତି।

ମୁରଲୀ ଚକ୍ର ଓ ଅନାଥ ଜେନାଙ୍କୁ ସବସିଡି ଅର୍ଥ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ସେମାନେ କୃଷି କାର୍ଯ୍ୟାଳୟରେ ଯୋଗାଯୋଗ କରିବାରୁ ତାଙ୍କ ନାମରେ ସବସିଡି ଅର୍ଥ ପ୍ରଦାନ କରାଯାଇ ସାରିଥିବା ସେ ଜାଣିବାକୁ ପାଇଥିଲେ। ସେହିପରି ଧାଡ଼ିରୁଆ ଚାଷ ପାଇଁ ଉକ୍ତ ଗ୍ରାମର ବହୁ ଚାଷୀଙ୍କଠାରୁ କୃଷି କର୍ମଚାରୀ ମାନେ ଆଧାରକାର୍ଡ, ଭୋଟର ପରିଚୟ ପତ୍ର, ଫଟୋ, ବ୍ୟାଙ୍କ ଆକାଉଣ୍ଟ ନମ୍ବର ନେଇ ମୋଷ୍ଟର ରୋଲରେ ଦସ୍ତଖତ କରାଇଥିଲେ। ତେବେ ସବସିଡି ବାବଦକୁ ଅର୍ଥ ସେମାନଙ୍କ ନାମରେ ଉଠାଇ ନିଆଯାଇଥିବା ବେଳେ ସେମାନଙ୍କୁ ଅର୍ଥ ମିଳି ନ ଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏପରିକି ଦେଓଗାଁ ପଞ୍ଚାୟତର ୱାର୍ଡ ମେମ୍ବର ବସନ୍ତ ଜେନା ମଧ୍ୟ ଏଭଳି ଠକେଇର ଶିକାର ହୋଇଥିବା କହିଛନ୍ତି। ୨୦୧୮-୧୯ରେ ସେ ୦.୪ ହେକ୍ଟର ଚାଷ ଜମିରେ ଶ୍ରୀ ପ୍ରଣାଳୀରେ ଧାଡ଼ିରୁଆ ଧାନଚାଷ କରିଥିଲେ। ହିତାଧିକାରୀ ତାଲିକାରେ ତାଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସବସିଡି ବାବଦକୁ ଅର୍ଥ ତାଙ୍କ ନାମରେ ଉଠାଯାଇଛି। ମାତ୍ର ସେ କୌଣସି ଅର୍ଥ ପାଇ ନ ଥିବା ଅଭିଯୋଗ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଦିଗରେ ଦୃଷ୍ଟି ଦେଇ ତଦନ୍ତ କରିବାକୁ ଚାଷୀ ମାନେ ଦାବି କରିଛନ୍ତି। ଅପରପକ୍ଷେ ଏହି ଅଭିଯୋଗ ଓ ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି ଏବଂ ଖୁବଶୀଘ୍ର ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସହକାରୀ କୃଷି ଅଧିକାରୀ ସୁମିତ ସେଠୀ କହିଛନ୍ତି।



ହୋମଗାର୍ଡ ଚୟନ ପାଇଁ ଆସିଥିବା ପ୍ରାର୍ଥୀଙ୍କ ଗହଳି।

# ୮୯ ପଦବୀ ପାଇଁ ୭ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ

### ହୋମଗାର୍ଡ ଚୟନ

କେନ୍ଦୁଝର, ୫।୨ (ସ୍ୱ.ପ୍ର.)

ହୋମଗାର୍ଡ ଚୟନ ଆରମ୍ଭ ହୋଇଛି । ଏଥିପାଇଁ ରିଜର୍ଭ ପୋଲିସ ରାସ୍ତାରେ ସକାଳୁ ଆବେଦନକାରୀଙ୍କ ଭିଡ଼ ଜମିଥିଲା। ଜିଲାରେ ନିଯୁକ୍ତି ସୁଯୋଗ ମିଳୁ ନ ଥିବାରୁ ବହୁ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ସମ୍ପନ୍ନ ଯୁବତୀ/ଯୁବକ ଆବେଦନ କରିଥିବା ଜଣାପଡିଛି। ଏହି ଚୟନ ପ୍ରକ୍ରିୟା କେନ୍ଦୁଝର ଷ୍ଟାଡିୟମରେ ହେଉଛି। ଫିଟନେସ ବ୍ୟତୀତ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜନ କରି ଚୟନ କରାଯାଉଛି । ତେବେ ୮୯ଟି ପଦବୀ ପାଇଁ ପାଖାପାଖି ୭ ହଜାର ପ୍ରାର୍ଥୀ ଆବେଦନ କରିଥିବା ଜଣାପଡିଛି । ଏଣୁ ଏତେ ସଂଖ୍ୟାରେ ଆବେଦନକାରୀଙ୍କ ମଧ୍ୟରୁ ଚୟନ ପାଇଁ ପୋଲିସ ବିଭାଗ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡୁଛି । ତେବେ ଏହି ପଦବୀ ପାଇଁ ଆଗରୁ ଅଧିକ ଲୋକ ବା ଉଚ୍ଚ ଶିକ୍ଷିତ ଯୁବକ ଆବେଦନ କରୁ ନ ଥିବାବେଳେ ବର୍ତ୍ତମାନ ସମୟରେ ବହୁ ସଂଖ୍ୟାରେ ଆବେଦନ କରିବା ଜିଲାରେ ବେରୋଜଗାର ସମସ୍ୟା କେତେ ଅଧିକ ଏଥିରୁ ବେଶ ଜଣାପଡୁଛି । ଏସପି ମିତ୍ରଭାନୁ ମହାପାତ୍ରଙ୍କ ଉପସ୍ଥିତିରେ ଏହି ଚୟନ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ମଙ୍ଗଳବାର ଆରମ୍ଭ ହୋଇଛି । ତେବେ ଏତେ ସଂଖ୍ୟାରେ ପିଲାଙ୍କ ରହିବା, ଖାଇବା ଆଦିର ସୁବ୍ୟବସ୍ଥା ନ ଥିବାରୁ ଅନେକଙ୍କୁ ବିଶେଷ କରି ଯୁବତୀମାନଙ୍କୁ ଅକଥନୀୟ ହଇରାଣ ହେବାକୁ ପଡ଼ିଛି।

# ୩୩ଜଣଙ୍କୁ ଗିରଫ କଲା ଯୋଡ଼ା ପୋଲିସ

### କାଟାମାଟି ଖଣିରେ ତେଜୁଛି ବିବାଦ

ଯୋଡ଼ା, ୫।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଥାନା ତଥା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ରେଭେନସାପୁର (ଖ) ଧୋବାକୁରୁଡା ଗ୍ରାମର ଅଲେଖ କୁମାର ବାରିକଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିବା ଧମକ ଦିଆଯାଇଥିବା ନେଇ ସେ ଯୋଡ଼ା ଥାନାରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଅଲେଖ କୁମାର ବାରିକ ଭାରତୀୟ ଜନତା ପାର୍ଟିର ୨୮ନଂ ଜୋନ୍ ବିଲେଇପଦା ମଣ୍ଡଳର ସଭାପତି ଅଛନ୍ତି। କାଟାମାଟି ଖଣିରେ ବିଭିନ୍ନ ଦାବିକରି ସ୍ଥାନୀୟ ୫ଟି ଗ୍ରାମପଞ୍ଚାୟତର ଲୋକ ଦୀର୍ଘ ୧ମାସ ହେବ ଧାରଣାରେ ବସିଛନ୍ତି। ଏହି ଗଣଧାରଣାକୁ ଭାଜପା ପକ୍ଷରୁ ସହଯୋଗ କରାଯାଉଥିବାରୁ ଅଲେଖ କୁମାର ବାରିକ ଏହାକୁ ସମର୍ଥନ ଜଣାଇଥିଲେ। ଏହାକୁ ବିରୋଧ କରି ରବିବାର ସନ୍ଧ୍ୟାବେଳେ ସ୍ଥାନୀୟ କାଟାମାଟି ଖଣିରେ ପରିବହନ କାର୍ଯ୍ୟ କରୁଥିବା ଗାଡିମାଲିକମାନେ ଅଲେଖଙ୍କୁ ଡକାଇ ଗାଳିଗୁଲଜ କରିବା ସହିତ ମାଡ଼ ମରାଯିବାର ଧମକ ଦେଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ କାଟାମାଟି ଖଣିର ପରିବହନ କାର୍ଯ୍ୟ ବନ୍ଦକୁ ବିରୋଧ କରୁଥିବା ସ୍ଥାନୀୟ ଗାଡିମାଲିକଙ୍କୁ ଅଲେଖ ପରିବହନ କାର୍ଯ୍ୟରେ ଗାଡି ନ ଲଗାଇବା ପାଇଁ ଧମକ ଦେଇଥିବା ନେଇ ମଙ୍ଗଳବାର ଗାଡିମାଲିକମାନେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଆଧାର କରି ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ କି, କାଟାମାଟି ଖଣିର ସ୍ଥାନୀୟ ଅଞ୍ଚଳବାସୀ ଧାରଣାରେ ବସିଛନ୍ତି। ଆଇନ ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ ଅଛନ୍ତି। ଗଣ୍ଡଗୋଳର ଆଶଙ୍କା ରଖି ୧୫୧ ଧାରାରେ ବୁଧବାର ୩୩ ଜଣଙ୍କୁ ଗିରଫ କରିଛି ବୋଲି ଯୋଡ଼ା ଥାନା ଅଧିକାରୀ ରାଇସେନ ମୁର୍ମୁ ସୂଚନା ଦେଇଛନ୍ତି। ଖଣିର କାର୍ଯ୍ୟ ସ୍ୱାଭାବିକ ହୋଇଯାଇଛି।

### ଝାଡ଼େଶ୍ୱର ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ଘସିପୁରା,୫।୨(ଡି.ଏନ.ଏ.)

ଆନନ୍ଦପୁରର ପ୍ରସିଦ୍ଧ ଶୈବପୀଠ ଘସିପୁରା ଝାଡ଼େଶ୍ୱରଙ୍କ ପୀଠରେ ୫୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତ ୧ତାରିଖି ଠାରୁ ଶୁଭାଧିବାସ ଓ କଳସ ସ୍ଥାପନ ପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ପ୍ରତିଦିନ ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ ଅମୃତମଣୀ ପାଣିଗ୍ରାହୀ, ଅର୍ଜ୍ଜୁନ ଚରଣ ମହାନ୍ତି, ଅନ୍ତର୍ଯ୍ୟାମୀ ଦାଶ, ପ୍ରବଚକ ବାବାଜି ସତ୍ୟପ୍ରଜ୍ଞା ନନ୍ଦ ଦାଶ, ସନ୍ଥ ମନୋହର ଦାଶ ମହାରାଜ ପ୍ରମୁଖ ପ୍ରବଚନ ଦେଉଛନ୍ତି। ଦୈନିକ ବିଭିନ୍ନ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁ ଆସି ହରିନାମ ନେବା ସହିତ ପ୍ରସାଦ ସେବନ କରୁଛନ୍ତି। ଝାଡ଼େଶ୍ୱର ଯଜ୍ଞ କମିଟିଙ୍କ ସହ ଯୋଗରେ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମକୁ ପିତାମ୍ବର ସା, ପ୍ରଦୀପ କୁମାର ମହାନ୍ତି, ରଘୁନାଥ ପାଢୀ, ନାରାୟଣ ସାହୁ, ଚକ୍ରଧର ସାହୁ, ଦୀପକ ସାହୁ, ସନ୍ତୋଷ ସାହୁ, କିଶୋର ରଥ, ବାବୁଲି ବେହେରା, ଦିନକୃଷ୍ଣ ସାହୁ, ପଙ୍କଜ ସାହୁ, ତୋଫାନ ସାହୁ, ବିଶ୍ୱନାଥ ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି।

# ଅବ୍ୟବସ୍ଥା ମଧ୍ୟରେ ହେଉଛି ଅଭିଯୋଗ ଶୁଣାଣି

କେନ୍ଦୁଝର, ୫।୨ (ସ୍ୱ.ପ୍ର.)



ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲାର ବିଭିନ୍ନ ଦୂରଦୂରାନ୍ତରୁ ଲୋକଙ୍କ ଭିଡ ରହୁଛି । ବହୁ ଆଶା ଭରସା କରି ମାସର ପ୍ରଥମ ସୋମବାର ବହୁ ଦୂରଦୂରାନ୍ତରୁ ଲୋକେ ସହାୟତା ଓ ନ୍ୟାୟ ପାଇବା ପାଇଁ ଆସିଥାନ୍ତି। ତେବେ ସେମାନଙ୍କ ପାଇଁ ନା ଅଛି ବସିବା ପାଇଁ ବିଶ୍ରାମ ଗୃହ, ନା ଅଛି ମୁଣ୍ଡ ଉପରେ ଛାତ । ଖରାରେ ଲାଇନରେ ଠିଆ ହୋଇ କେବେ ପାଳି ପଡିବ ଅପେକ୍ଷାରେ ସେମାନଙ୍କୁ ରହିବାକୁ ପଡୁଛି। ସେହିପରି ପିଇବା ପାଣି ବ୍ୟବସ୍ଥା ନାହିଁ କିମ୍ବା ଶୌଚାଳୟ ନାହିଁ। ଅଭିଯୋଗ ପ୍ରକୋଷ୍ଠ ବାହାରେ ଦୁଇଟି ପିଇବା ପାଣି ପ୍ରକଳ୍ପ ଅଛି କିନ୍ତୁ ଚାଲୁନାହିଁ। ଫଳରେ ବାହାରୁ ଖର୍ଚ୍ଚାନ୍ତ ହୋଇ ବୋତଲ ପାଣି ଆଣି ପିଉଥିବା କହିଛନ୍ତି। ୨୦ ଲକ୍ଷ ଟଙ୍କା ବ୍ୟୟରେ ଆଧୁନିକ ଶୌଚାଳୟ ନିର୍ମାଣ ହୋଇଛି । କିନ୍ତୁ ତାହା ତାଲା ପଡିଥିବାରୁ ସାଧାରଣ ଲୋକ ଏଣେ ତେଣେ ପରିଶ୍ରା କରିବାକୁ ବାଧ ହେଉଛନ୍ତି। ବିଶେଷ କରି ମହିଳା ମାନେ ବେଶୀ ଅସୁବିଧା ଭୋଗୁଛନ୍ତି। ଏପରିକି ଲାଇନ କଟିଲେ ଜେନେରେଟର ଖରାପ ହେଲେ ଅନ୍ଧାରରେ ଅଭିଯୋଗ ଶୁଣିବାକୁ ପଡୁଛି । ଅନେକ ଭିନ୍ନକ୍ଷମ, ଛୁଆ, ବୃଦ୍ଧାବୃଦ୍ଧ, ମା'ମାନଙ୍କୁ ବସିବା ପାଇଁ ବ୍ୟବସ୍ଥା ନ ଥିବାରୁ ତଳେ ବସି ନିଜ ପାଳିକୁ ଅପେକ୍ଷା କରିବାକୁ ପଡୁଛି। ଏଣୁ ଏଦିଗରେ ପଦକ୍ଷେପ ନେଇ ଲୋକଙ୍କ ସୁବିଧା ଓ ସମସ୍ୟାକୁ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

# ଟ୍ରାଫିକ ଜାମ୍‌ରେ ଫସିଲା ସ୍କୁଲ ବସ୍, ଛାତ୍ରୀଛାତ୍ର ହଇରାଣ

ଯୋଡ଼ା, ୫।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହର ଦେଇ ଯାଇଥିବା ୫୨୦ ନଂ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ମଙ୍ଗଳବାର ପୂର୍ବାହ୍ନରେ ୫୨୦ନଂ. ଜାତୀୟ ରାଜପଥର ଲହଣ୍ଡାଠାରେ ଟ୍ରାଫିକ ସମସ୍ୟା ଏତେ ଜଟିଳ ହୋଇଥିଲା ଯେ, ସାଧାରଣ ବାଇକ୍‌ଠାରୁ ଆରମ୍ଭ କରି, ଛୋଟ ଯାନବାହନ, ଯାତ୍ରୀବାହୀ ବସ୍, ଟ୍ରକ, ଏପରିକି ଛାତ୍ରୀଛାତ୍ରମାନଙ୍କୁ ନେଇ ଯାଉଥିବା ସ୍କୁଲବସ୍ ମଧ୍ୟ ଏହି ଟ୍ରାଫିକ ଜାମ୍‌ରେ ଫସି ରହିଥିଲା। ମଙ୍ଗଳବାର ପୂର୍ବାହ୍ନ ସକାଳ ୧୦ଟାରୁ ଦୀର୍ଘ ୨ ଘଣ୍ଟା ଧରି ସ୍କୁଲ ବସ୍‌ଟି ଟ୍ରାଫିକ ଜାମ୍‌ରେ ଫସି ରହିଥିବାରୁ ବସ୍ ଭିତରେ ବସିଥିବା କୁନି କୁନି ଛାତ୍ରୀଛାତ୍ର ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା । ଦୁଇଚକିଆ ଯାନ ଗୁଡ଼ିକ ବଡ଼ ବଡ଼ ଟ୍ରକ, ବସ୍ ଭିତରେ ଥିବା ଫାଙ୍କ ମଧ୍ୟରେ ବିପଦପୂର୍ଣ୍ଣ ଅବସ୍ଥାରେ ଯାଉଥିବା ଦେଖିବାକୁ ମିଳିଥିଲା।



ଟ୍ରାଫିକ ଜାମରେ ଏକ ସ୍କୁଲ ବସ୍ ଫସି ରହିଛି।

ଜାତୀୟରାଜପଥରେ ଦୈନନ୍ଦିନ ହେଉଥିବା ଟ୍ରାଫିକ ସମସ୍ୟାରେ ସ୍କୁଲ୍ ବସ୍ ଓ ଭ୍ୟାନ୍‌ଗୁଡିକ ଫସି ରହୁଛି। ଛାତ୍ରୀଛାତ୍ର ଠିକ୍ ଭାବେ ସ୍କୁଲରେ ପହଞ୍ଚି ପାରୁନାହାନ୍ତି କି ଠିକ୍ ସମୟରେ ଘରେ ପହଞ୍ଚି ପାରୁନାହାନ୍ତି। ଫଳରେ ଛାତ୍ରୀଛାତ୍ରଙ୍କର ପାଠପଢ଼ାରେ ବ୍ୟତିକ୍ରମ ଘଟୁଛି। ସେହିପରି ସାଧାରଣ ଲୋକେ ମଧ୍ୟ ପ୍ରତିଦିନ ଏହି ଟ୍ରାଫିକ ଜାମ୍‌ରେ ଫସିରହି ହଇରାଣ ହେଉଥିବା ଛାତ୍ରୀଛାତ୍ରଙ୍କର ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାର ସ୍ଥାୟୀ ସମାଧାନ କରିବା ପାଇଁ ସେମାନେ ଦାବି କରିଛନ୍ତି। ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ନିଆଯାଉ ନ ଥିବା ହେତୁ ଏହି ସମସ୍ୟା ଉପୁଜୁଥିବା ଟ୍ରାଫିକ ଜାମ୍‌ରେ ଫସି ରହିଥିବା ଯାତ୍ରୀ ନବକିଶୋର ଦାସ, ମାଣିକା ବେହେରା, ଟିଙ୍କିଲି ସୁନା, ସହଦେବ ନାଏକ ପ୍ରମୁଖ ଅଭିଯୋଗ କରିଥିଲେ ।

# ମେଧାବୀ ଛାତ୍ର ଭବାନୀଙ୍କୁ ଉଚ୍ଚଶିକ୍ଷା ଲାଗି ଆର୍ଥିକ ସହାୟତା ଦେଲା ଓଏମ୍‌ସି

କେନ୍ଦୁଝର, ୫।୨ (ସ୍ୱ.ପ୍ର.)

ଗତ ଓଡିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-୨୦୧୯ରେ ବି.ଟେକ୍ ଲାଟେରାଲ୍ ଏଣ୍ଟ୍ରିରେ ଓଡିଶାରେ ପ୍ରଥମ ସ୍ଥାନ ହାସଲ କରି ଟପ୍ପର ହୋଇଥିବା ମେଧାବୀ ଛାତ୍ର ଭବାନୀ ଶଙ୍କର ବେହେରାଙ୍କର ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରି ସହଯୋଗର ହାତ ବଢାଇଛନ୍ତି ଓଡିଶା ଖଣି ନିଗମ (ଓଏମ୍‌ସି)। ବର୍ତ୍ତମାନ ଭବାନୀ ଶଙ୍କର ଭୁବନେଶ୍ୱରସ୍ଥିତ ସିପେଟ ବୈଷୟିକ ଅନୁଷ୍ଠାନରେ ପ୍ଲାଷ୍ଟିକ୍ ଇଞ୍ଜିନିୟରିଂରେ ବି.ଟେକ୍ ଅଧ୍ୟୟନ କରୁଛନ୍ତି । ଭବାନୀଙ୍କର ବି.ଟେକ୍ ପଢିବା ପାଇଁ ଆବଶ୍ୟକୀୟ ଖର୍ଚ୍ଚ ଓଡିଶା ଖଣି ନିଗମ ତରଫରୁ ପ୍ରଦାନ କରାଯାଉଛି।

ସୂଚନାଯୋଗ୍ୟ ଯେ ଭବାନୀଙ୍କର ଘର କେନ୍ଦୁଝର ଜିଲାର ଘଟଗାଁ ବ୍ଲକ୍ ଅନ୍ତର୍ଗତ ପିପିଳିଆ ଗ୍ରାମରେ। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ବାପା ଗୁରୁଚରଣ ବେହେରା ପିପିଳିଆ ଗାଁ ଛକରେ ଛୋଟ ଜଳଖିଆ ଦୋକାନ ଦ୍ୱାରା ପରିବାରର ଗୁଜୁରାଣ ମେଣ୍ଟାନ୍ତି। ମା' ଗୃହିଣୀ। ଜଳଖିଆ ଦୋକାନରେ ସ୍ୱାମୀଙ୍କୁ ସାହାଯ୍ୟ କରି ପୁଅକୁ ଇଞ୍ଜିନିୟର କରିବାର ସ୍ୱପ୍ନ ଦେଖିଥିଲେ । ଦୁଃଖ କଷ୍ଟ ଓ ଅଭାବ ଅସୁବିଧାରେ ପାଠ ପଢି ଲକ୍ଷ୍ମୀନାରାୟଣ କନିଷ୍ଠ ମହାବିଦ୍ୟାଳୟ ପିପିଳିଆରେ +୨ ବିଜ୍ଞାନ ପାସ୍ କରିବା ପରେ ଉକ୍ତ ମହାବିଦ୍ୟାଳୟରେ +୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଶ୍ରେଣୀରେ ପାଠ ପଢୁଥିଲେ । ଉଚ୍ଚଶିକ୍ଷା ପ୍ରତି ଗଭୀର ନିଷ୍ଠା ରଖି ପ୍ରସ୍ତୁତି ଜାରି ରଖିବା ସହିତ ୨୦୧୯ ମସିହାରେ ଅନୁଷ୍ଠିତ ଓଡିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ଓଜେଇଇରେ ବି.ଟେକ୍ ଲାଟେରାଲ୍ ଏଣ୍ଟ୍ରିରେ ଓଡିଶାରେ ପ୍ରଥମ ସ୍ଥାନ ହାସଲ କରିବା ଖବର ଘଟଗାଁ ଅଞ୍ଚଳରେ ଖୁସିର ଲହରୀ ଖେଳାଇ ଦେଇଥିଲା । ବିଭିନ୍ନ ଗଣମାମରେ ଏ ଖବର ପ୍ରସାରିତ ହେବା ଫଳରେ ଭବାନୀଶଙ୍କର ଏବଂ ତାଙ୍କ ପରିବାର ପ୍ରତି ଶୁଭେଚ୍ଛାର ସୁଅ ଛୁଟିଲା। ଏ ଖବର ଜିଲା ପ୍ରଶାସନର ଦୃଷ୍ଟିକୁ ଆସିବା ପରେ ଜିଲାପାଳ ଆଶୀଷ ଠାକରେ ଭବାନୀ ଶଙ୍କରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଭବାନୀଙ୍କ ଉଚ୍ଚ ଶିକ୍ଷା ପାଇଁ ଅର୍ଥ ବାଧକ ହେବ ନାହିଁ ବୋଲି କହିଥିଲେ । ଏ ସମ୍ପର୍କରେ ଜିଲାପାଳ ଠାକରେ ଭବାନୀଙ୍କ ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିଲେ।

# କୁନି କରାଟେ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୫।୨ (ସ୍ୱ.ପ୍ର.)

ହରିଚନ୍ଦନପୁର ବ୍ଲକ ବଳାଣିପଶି ଗ୍ରାମର ଚନ୍ଦନପ୍ରକାଶ ନାଏକ ନଅ ବର୍ଷରୁ କମ୍ ବର୍ଗରେ କେରଳରେ କରାଟେ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ବିଶାଖାପାଟଣାରେ ଅନୁଷ୍ଠିତ ହୋଇଥିବା ତୃତୀୟ ଅର୍ନ୍ତଜାତୀୟସ୍ତରୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ମେଡାଲ ହାସଲ କରିଛନ୍ତି। ଏହାଛଡ଼ା ୨୦୧୯ ମସିହାରେ ବିଭିନ୍ନ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସେ କୃତିତ୍ୱ ଅର୍ଜନ କରିଛନ୍ତି। ସେ ସ୍ଥାନୀୟ ନରଣପୁରସ୍ଥିତ ବ୍ରିଗେଡିୟର ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ଚନ୍ଦନଙ୍କୁ ମଙ୍ଗଳବାର ବସନ୍ତପୁରସ୍ଥିତ ବାରରାଶି ଉଚ୍ଚବିଦ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ଟିକାୟତ ଚନ୍ଦ୍ର ବାରିକ, ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ, ବରିଷ୍ଠ ବିଜ୍ଞାନଶିକ୍ଷକ ତଥା ୟୁଟିଆ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟ ଏବଂ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇଥିବା ମକରଧ୍ୱଜ ନାଏକ ଉପସ୍ଥିତ ହୋଇ କୁନି ଚାମ୍ପିୟନଙ୍କୁ ସମ୍ବର୍ଦ୍ଧନା ଓ ଆଶୀର୍ବାଦ ଦେଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଦ୍ୟାଳୟ ପକ୍ଷରୁ ଏକ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ଏହି ସଭାରେ ତାଙ୍କ ବାପା ଡମ୍ବରୁଧର ନାଏକ ଓ ମା' କ୍ଷୀରୋଦିନୀ ନାଏକ ଉପସ୍ଥିତ ଥିଲେ । ବଣପାହାଡ଼ ଘେରା ଅଞ୍ଚଳର ଏହି କୁନି ଚାମ୍ପିୟନଙ୍କୁ ଦେଖିବାକୁ ଛାତ୍ରୀଛାତ୍ର ଉପସ୍ଥିତ ରହି ପ୍ରଶଂସା କରିଥିଲେ।



ସ୍କୁଲ ପରିସରରେ ଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# 'ବୃକ୍ଷରୋପଣ, ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହୁଅ'

କେନ୍ଦୁଝର, ୫।୨(ଡି.ଏନ୍.ଏ.)

କେନ୍ଦୁଝର ଜିଲାର ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ସ୍ତରରେ ମିଳିତ ଉଦ୍ୟମ ହେବା ଆବଶ୍ୟକ ବୋଲି ବହୁ ବିଶିଷ୍ଟ ବକ୍ତା ମତପୋଷଣ କରିଛନ୍ତି। ବିଭିନ୍ନ କାରଣ ପାଇଁ କେନ୍ଦୁଝର ଜିଲାର ପରିବେଶ ସଂପ୍ରତି ଉଦ୍‌ବେଗଜନକ ପରିସ୍ଥିତିରେ ପହଞ୍ଚିଛି ବୋଲି କହିବା ସହିତ ଏହାର ସମାଧାନ ପାଇଁ ଉଭୟ ସରକାରୀ ଓ ବେସରକାରୀସ୍ତରରେ ଆନ୍ତରିକତା ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଛି। ଉତ୍କଳ ସାମ୍ବାଦିକ ସଂଘ ଭୁବନେଶ୍ୱର ଓ ଭାରତୀୟ ପେଶାଦାର ଖବରଦାତା ମହାସଂଘ ସହ ଅନୁବନ୍ଧିତ ଜିଲା ସାମ୍ବାଦିକ ସଂଘ, କେନ୍ଦୁଝରର ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ର ନଗରଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ପ୍ରେସ୍ କାଉନସିଲ ସଦସ୍ୟ




ଜିଲା ଖବରଦାତା ସଂଘର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଛାୟାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦୁଝର ଜିଲାର ପରିବେଶ ଦିଲ୍ଲୀଠାରୁ ମଧ୍ୟ ଅଧିକ ବିଷାକ୍ତ ହୋଇପଡିଛି ବୋଲି କହିଥିଲେ। ବ୍ୟାପକ ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେବାର ସମୟ ଉପନୀତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ତଥା ବିଶିଷ୍ଟ ଅଭିନେତା କୁନା ତ୍ରିପାଠୀ ଉପସ୍ଥିତ ଥିଲେ। ସେ ନିଜ ବକ୍ତବ୍ୟରେ ସାମ୍ବାଦିକମାନଙ୍କ ଗୁରୁ ଦାୟିତ୍ୱ ସମ୍ପର୍କରେ ଅବତାରଣା କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଓ ବରିଷ୍ଠ ସାମ୍ବାଦିକ ମୂରଲୀଧର ସାମଲ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଜିଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଦୀପକ ମିଶ୍ର ସ୍ୱାଗତଭାଷଣ ଦେଇଥିବାବେଳେ ଉପସଭାପତି ଜୟକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ଉପସଭାପତି ଆନନ୍ଦ ଚନ୍ଦ୍ର ସିଂ ଉପସ୍ଥିତ ରହିଥିଲେ। 'ଆମ କେନ୍ଦୁଝର ଆମ ପରିବେଶ' ଶୀର୍ଷକ ଆଲୋଚନାଚକ୍ରରେ କିରଣ ଶଙ୍କର ସାହୁ, ରାମନାରାୟଣ ଦ୍ୱିବେଦୀ, ଇଂ ବସନ୍ତ କୁମାର ଦାନୀ, ଆଶିଷ ଚକ୍ରବର୍ତ୍ତୀ, ଅଶୋକ ଠକ୍କର, ଆଲୋକ ମିଶ୍ର, ଡ଼ ରାଜେନ୍ଦ୍ର ପଲେଇ ଓ ସୌମ୍ୟଶଙ୍କର ଚକ୍ର ପ୍ରମୁଖ ଭାଗ ନେଇଥିଲେ। ଏହି ଅବସରରେ ବିଶିଷ୍ଟ ସମାଜସେବୀ ସୁଶିଳାବାଳା ପହି ଓ ବୀରବର ନାଏକଙ୍କ ସମେତ ସାମ୍ବାଦିକ ଅକ୍ଷୟ କୁମାର ପାଢୀ, ଗୋପାଳକୃଷ୍ଣ ରାଉତ, ପ୍ରଫୁଲ୍ଲ କୁମାର ସାହୁ, ଗଜେନ୍ଦ୍ରନାଥ ମାଝି, ଚିନ୍ମୟ କୁମାର ସାହୁ, ମନିନ୍ଦ୍ର ସୁନ୍ଦର ବାରିକ,ପରମାନନ୍ଦ ମହାନ୍ତ ଓ ପ୍ରକାଶ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବାଶିଷ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସୁର୍ ନିକେତନର କଣ୍ଠଶିଳ୍ପୀମାନେ ଆବାହନୀ ସଂଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ନାୟକ, ପ୍ରଦୀପ କୁମାର ମହାନ୍ତି, ସତ୍ୟଜିତ ମିଶ୍ର ଓ ଦେବଦର୍ଶନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେକାରମୁକ୍ତ ମୟୂରଭଞ୍ଜ ଗଠନ ପାଇଁ ଦାବିପତ୍ର

ବାରିପଦା ଅଫିସ, ୫।୨

ଅଣରାଜନୈତିକ ଯୁବ ସଂଗଠନ ଭଞ୍ଜ ସେନା ପକ୍ଷରୁ ବୁଧବାର ବେକାରମୁକ୍ତ ମୟୂରଭଞ୍ଜ ଗଠନ ଦାବିରେ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଛି। ସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଏକାଧିକ କର୍ମୀ ବେକାରମୁକ୍ତ ମୟୂରଭଞ୍ଜ ଗଠନ ଦାବି କରିଛନ୍ତି। ଭଞ୍ଜସେନା ବାରମ୍ବାର ଦାବି ଓ ବିକ୍ଷୋଭ କରିବା ସତ୍ତ୍ୱେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନୀରବ ରହିବା କାରଣରୁ ଜିଲାରେ ବେକାର ସମସ୍ୟା ଜଟିଳରୁ ଜଟିଳତର ହେଉଛି। ଜିଲାରେ ଶିମିଳିପାଳ ସମେତ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀର ବିକାଶ କରାଯିବା ସହିତ ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ କରି ବେକାରମୁକ୍ତ ମୟୂରଭଞ୍ଜ ଗଠନ କରିବା ପାଇଁ ସେନା ଦାବି କରିଛି। ଆଗାମୀ ୭ ଦିନ ଭିତରେ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆସନ୍ତା ୧୨ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ଗଣବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଭଞ୍ଜସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ଭଞ୍ଜସେନା କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଦାବିପତ୍ର ପ୍ରଦାନ ବେଳେ ଯୁବ ଛାତ୍ର ସଂଯୋଜକ ରାକେଶ ବେହେରା, ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ୍, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ସହର ସଭାପତି ସୌମ୍ୟରଞ୍ଜନ ମିଶ୍ର, ସହର ଉପସଭାପତି ଏସ୍ କେ ରାଜା ଖାନ୍, ସାଧାରଣ ସମ୍ପାଦକ ମାନସ ବେହେରା, ଉପସଭାପତି ପ୍ରଶାନ୍ତ ମହାକୁଡ଼, ଛାତ୍ରନେତା ଏମଡି ନାଜିର ହକ୍, ଅଭିଷେକ କବାଟ, ଆଲୋକ ବେହେରା, ଅଭିଷେକ ମହାପାତ୍ର, ଅଭିଜିତ୍ କର୍ମକାର, ରାଜାରାମ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ସହ ଭଞ୍ଜସେନାର କର୍ମକର୍ତ୍ତାମାନେ।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର

କୁଆଁମରା,୫।୨(ଡି.ଏନ୍.ଏ)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଅଧକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଖେଳ ଶିକ୍ଷକ ଆଶିଷ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ ୧୧୬ ଜଣ ଛାତ୍ରୀଙ୍କୁ ତାଲିମ ଦିଆଯାଇଛି। ପ୍ରଶିକ୍ଷକ ଭାବେ ମାଳତୀ ମୁର୍ମୁ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟାପକ ନିର୍ମଳ କୁମାର ମହାପାତ୍ର, ଲିଙ୍ଗରାଜ ନାୟକ, ସରୋଜ କୁମାର ସଦୁଆଳ, ଅଧାପିକା ଇନ୍ଦିରା ପାଲ ପ୍ରମୁଖ ଯୋଗଦେଇ ଆତ୍ମସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ମୋ ସରକାର ସମ୍ପର୍କ ଶିବିର

କୁଳିଅଣା,୫।୨(ଡି.ଏନ୍.ଏ.)- ଚାନ୍ଦୁଆସ୍ଥିତ ବ୍ଲକ କାର୍ଯ୍ୟାଳୟରେ 'ମୋ ସରକାର' ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଉପଜିଲାପାଳ ବିଜନ କୁମାର ଥାପ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାଏକ, କୁଳିଅଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ମହାପାତ୍ର, ମୁଖ୍ୟ ଜିଲା କୃଷି ଅଧିକାରୀ ଦାମୋଦର ସେଠୀ, କୁଳିଅଣା ଚିକିତ୍ସା ଅଧିକାରୀ ରାମଚନ୍ଦ୍ର ମହାନ୍ତି, ଆଇସିଡିଏସ ସୁପରଭାଇଜର ସୁରେଖା ପଟ୍ଟନାୟକ, ତଦର ସମିତିର ବୈଷୟିକ ଅଧିକାରୀ ମିହିର କୁମାର ଗଡେନ୍ଦ୍ର ମହାପାତ୍ର ପ୍ରମୁଖ ନିଜ ନିଜ ବିଭାଗ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାଙ୍କବିହାରୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ବିଶ୍ୱ କର୍କଟ ଦିବସ

ଖୁଣ୍ଟା,୫।୨(ଡି.ଏନ୍.ଏ.)-ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ଓ ଜାତୀୟ ସେବା ଯୋଜନା ପକ୍ଷରୁ ମଙ୍ଗଳବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରିୟଦର୍ଶିନୀ ଇପ୍ସିତା ଦାଶ, ଡେମନଷ୍ଟ୍ରେଟର ଶ୍ରୀମତୀ ନିରୋଦା ବାରିକ, ଏନ୍‌ଏସ୍‌ଏସ ପ୍ରୋଗ୍ରାମ ଅଫିସର ତପନ କୁମାର ବାରିକ ଓ ଶ୍ରୀମତୀ ଗୋପା ସିଂହ ସମେତ ଅନ୍ୟ ଅଧାପିକା ଅଧାପକ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ କର୍କଟ ରୋଗର ଭୟାବହତା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରେ ଛାତ୍ରୀଛାତ୍ରମାନେ କର୍କଟ ରୋଗର କାରଣ ଓ ତା'ର ନିରାକରଣ ସମ୍ପର୍କିତ ସ୍ଲୋଗାନ ସମ୍ବଳିତ ପ୍ଲାକାର୍ଡ ଓ ବ୍ୟାନର ଧରି ଖୁଣ୍ଟା ବଜାର ପରିକ୍ରମା କରିବା ସହିତ ଲୋକମାନଙ୍କୁ ସଚେତନ କରିଥିଲେ।

## କ୍ୟାରିୟର କାଉନସେଲିଂ କର୍ମଶାଳା


କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ବାଙ୍ଗିରିପୋଷି,୫।୨(ଡି.ଏନ୍.ଏ.)

ବାଙ୍ଗିରିପୋଷିସ୍ଥିତ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ ଅଧକ୍ଷା ଡ.ପୁଷ୍ପା ପାତ୍ରଙ୍କ ସଭାପତିତ୍ୱରେ ମଙ୍ଗଳବାର ଦ୍ୱିତୀୟ କ୍ୟାରିୟର କାଉନସେଲିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଆବାହକ ଭାବେ ଇତିହାସ ବିଭାଗର ଅଧ୍ୟାପକ ଅଜୟ କୁମାର ଗୋସ୍ୱାମୀ ଥିବା ବେଳେ କ୍ୟାରିଅର କାଉନସେଲିଂ ସେଲର ସଭ୍ୟ ଅଧ୍ୟାପକ ପ୍ରବୀର କୁମାର ରାଉତ ଅଂଶଗ୍ରହଣ କରିଥିଲେ। ଅନ୍ୟତମ ଅଧ୍ୟାପକ ରତିକାନ୍ତ ବେହେରା ଓ ଛାତ୍ରୀଛାତ୍ରମାନେ ଭୁବନେଶ୍ୱରସ୍ଥିତ ଓକେସେଲର ପ୍ରୋଗ୍ରାମ ମ୍ୟାନେଜର ଜିଏସ୍ ମାହାତ ଏବଂ ଚନ୍ଦ୍ରଭାନୁ ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ 'କମ୍ପ୍ୟୁଟର କ୍ୟାରିୟର' ସମ୍ପର୍କରେ ଅବଗତ କରାଇଥିଲେ। ଉକ୍ତ କର୍ମଶାଳାରେ ବାଙ୍ଗିରିପୋଷିସ୍ଥିତ ଆଇଡିଏଲ କମ୍ପ୍ୟୁଟର ଏକାଡେମୀର କର୍ମଚାରୀମାନେ ସହଯୋଗ କରିଥିଲେ।

## ଅଲଗୁରୁ ସ୍ରଷ୍ଟା ରୋହିଦାସ ସିଂନାଗ୍‌ଙ୍କ ଜୟନ୍ତୀ

ବଡ଼ସାହି,୫।୨(ସ୍ୱ.ପ୍ର)–ମୁଣ୍ଡାରୀବାନୀ ଲିପିର ସ୍ରଷ୍ଟା ଅଲଗୁରୁ ପଣ୍ଡିତ ରେହିଦାସ ସିଂ ନାଗ୍‌ଙ୍କ ୮୭ତମ ଜୟନ୍ତୀ ବୁଧବାର ବଡସାହି ବ୍ଲକ ନାଉପାଳ ପଞ୍ଚାୟତ ଅସ୍ତଝରଣ ଗ୍ରାମ ମା' ଚିନ୍ତାମଣି ଯୁବକ ସଂଘ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଆଦିବାସୀ ଯୁବଛାତ୍ର ସଂଗ୍ରାମୀ ବାଜି ସିଂଙ୍କ ନେତୃତ୍ୱରେ ଶତାଧିକ ମୁଣ୍ଡାରୀ ସମ୍ପ୍ରଦାୟର ଲୋକେ ଏକତ୍ରିତ ହୋଇଥିଲେ। ପ୍ରାରମ୍ଭରେ ରେହିଦାସ ସିଂ ନାଗଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ଆସବିସୀ ସଂଘର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସିଂ, ମୁଖ୍ୟବକ୍ତା ଭାବେ ଭାବେ ମୁଣ୍ଡାରୀ ଯାତ୍ରା କଳାକାରବିଶ୍ୱନାଥ ସିଂ,ସମ୍ମାନନୀୟ ଅତିଥି ଭାବେ ଗୌର ମୋହନ ସିଂ,ଓ ଶୁକ୍ରା ସିଂ ପ୍ରମୁଖ ଉପସ୍ଥିତ ରହି ତାଙ୍କର ସ୍ମୃତିଚାରଣ କରିବା ସହିତ ମୁଣ୍ଡାରୀ ଭାଷା ଓ ଲିପିର ପ୍ରସାର ସହିତ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ପାଇଁ ଦାବି କରିଥିଲେ।

## ସରିଲା ଶ୍ରୀମଦ୍ ଭାଗବତ କଥାମୃତ

ଝାରପୋଖରିଆ,୫।୨(ଡି.ଏନ୍.ଏ.):

ସାରସକଣା ବ୍ଲକ ଅନ୍ତର୍ଗତ ଝାରପୋଖରିଆସ୍ଥିତ ଶ୍ରୀଶ୍ରୀ ରାଧାରାଣୀ ଭାଗବତ ପରିବାର ଆନୁକୂଲ୍ୟରେ ସପ୍ତଦିବସ ବ୍ୟାପୀ ଆୟୋଜିତ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବୃନ୍ଦାବନବାସୀ ଶ୍ରୀମଦ୍ ଶ୍ରୀଦାମସଖା ବ୍ରହ୍ମଚାରୀ କଥାବ୍ୟାସ ଭାବେ ଯୋଗଦେଇ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ ପ୍ରଦାନ କରିଥିଲେ। ସାତଦିନ ବ୍ୟାପୀ ତାଙ୍କ ପ୍ରବଚନ ମାଧ୍ୟମରେ ଶ୍ରୀମଦ୍ ଭାଗବତର ପରୀକ୍ଷିତ ଉପାଖ୍ୟାନ, ଧ୍ରୁବ ଚରିତ, ଶ୍ରୀରାମଙ୍କ ଜନ୍ମୋତ୍ସବ, ଶ୍ରୀକୃଷ୍ଣ ଜନ୍ମୋତ୍ସବ, ଗୋବର୍ଦ୍ଧନ ପୂଜନ, ମାଖନଲୀଳା, ନନ୍ଦୋତ୍ସବ, ରୁକ୍ମିଣୀ ବିବାହ ପ୍ରମୁଖ ବିଷୟକୁ ଆଧାରକରି ଭକ୍ତଗଣଙ୍କ ଉଦ୍ଦେଶ୍ୟରେ ସାରଗର୍ଭକ ଅନନ୍ତ ଭାଗବତ ପ୍ରବଚନ ପ୍ରଦାନ କରିଥିଲେ। ଏହା ଦୈନିକ ସନ୍ଧ୍ୟା ୬ଟାରେ ଆରମ୍ଭ ହୋଇ ରାତ୍ର ୯ଟାରେ ସମାପନ କରାଯାଉଥିବାବେଳେ ଏଥିରୁ ଆଖପାଖ ଅଞ୍ଚଳର ପ୍ରାୟ ଶହ ଶହ ମହିଳା ପୁରୁଷ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ମାସା ଆର୍ମିର ଯୁବଛାତ୍ର ସମ୍ମିଳନୀ


ସମ୍ମିଳନୀରେ ଯୋଗ ଦେଇଥିବା ଯୁବଛାତ୍ର।

ବାରିପଦା ଅଫିସ, ୫।୨

ଆଦିବାସୀ ଯୁବ ଛାତ୍ର ସଂଗଠନ ମାସା ଆର୍ମି ପକ୍ଷରୁ ଭୁବନେଶ୍ୱର ଶିଖରଚଣ୍ଡୀଠାରେ ମଙ୍ଗଳବାର ଯୁବଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସଭାପତି କୁଟୁଆ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ମୁଖ୍ୟଅତିଥିଭାବେ ଯୋଗ ଦେଇଥିବା ବେଳେ ଅନ୍ତର୍ଜାତୀୟ ଆଥ୍‌ଲେଟ ଜଉନା ମୁର୍ମୁ, ପୂର୍ଣ୍ଣିମା ହେମ୍ବ୍ରମ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅଲ ଓଡ଼ିଶା ଆଦିବାସୀ ଯୁବ ଛାତ୍ରମାନଙ୍କୁ ଏକାଠି କରି ଆଦିବାସୀ ଯୁବ ଛାତ୍ରମାନଙ୍କ ହକ୍ ଅଧିକାର, ଆଦିବାସୀମାନଙ୍କ ଭାଷା, ସଂସ୍କୃତି ଓ ପରମ୍ପରାକୁ ବିକାଶ କରାଯିବା ନିମନ୍ତେ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯିବ ବୋଲି ସଂକଳ୍ପ ନିଆଯାଇଥିଲା। ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସାନ୍ତାଳୀ ଭାଷାରେ ଯୁକ୍ତ ତିନି, ପିଜି, ଏମଫିଲ, ପିଏଚଡି ପାଠ୍ୟକ୍ରମ ଖୋଲାଯିବା ପାଇଁ ଓଡ଼ିଶା ସରକାରଙ୍କଠାରେ ଦାବି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ତତ୍ ସହିତ ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଜଭାଷା ମାନ୍ୟତା ଦାବି ସହିତ ମୁଣ୍ଡାରୀ, ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ମୁକେଶ କିସ୍କୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ କୁଶାଲ ଟୁଡୁ, ମହେଶ ମାର୍ଣ୍ଡି, ଫାଣ୍ଟସ ମୁର୍ମୁ, ବିନୋଦ କୁମାର କିସ୍କୁ, ହରି ସିଂ, ସରଜ ନାଏକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭଞ୍ଜବୀର ସୁନାରାମ ସୋରେନଙ୍କ ଜୟନ୍ତୀ

ବାରିପଦା ଅଫିସ, ୫।୨

ମାରିସା ସେନା ପକ୍ଷରୁ ଭଞ୍ଜବୀର ସୁନାରାମ ସୋରେନଙ୍କ ଜୟନ୍ତୀ ମୁର୍ଗାବାଡ଼ିଠାରେ ପାଳିତ ହୋଇଯାଇଛି। ବାରିପଦା ଉପଖଣ୍ଡ ସଭାପତି ଶଂକର ବାସ୍କେଙ୍କ ପୌରୋହିତ୍ୟରେ ଏହି ଜୟନ୍ତୀରେ ସେନାର ଅଧକ୍ଷ ଅର୍ଜୁନ ମୁର୍ମୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଜିଲା ସମ୍ପାଦକ ରାଜ ହେମ୍ବ୍ରମ ମୁଖ୍ୟ ବକ୍ତା, ଉପସଭାପତି ରଘୁନାଥ ମୁର୍ମୁ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଭଞ୍ଜବୀର ସୁନାରାମଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମାରିସା ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦୁଇଦଫା ଦାବିପତ୍ର ପ୍ରଦାନ କରାଯାଇଥିବା ବିଷୟରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷରୁ ଅଲଚିକି ଲିପି ମାଧ୍ୟମରେ ସାନ୍ତାଳୀ ଭାଷାକୁ ଓଟିଇଟି, ଓପିଏସ୍‌ସି, ନେଟ, ଓଏସ୍‌ଏସ୍‌ସି ପରୀକ୍ଷାରେ ଅନ୍ତର୍ଭୁକ୍ତ କରିବା। ସାନ୍ତାଳୀ ସହିତ ବିଭିନ୍ନ ଆଦିବାସୀମାନଙ୍କ ଏମଏଲଇ ସ୍କିମ୍‌ରେ ଠିକା ଶିକ୍ଷକ ନିଯୁକ୍ତି ଦିଆଯାଇଛି, କିନ୍ତୁ ସେମାନଙ୍କୁ ନା ସାନ୍ତାଳୀ ପଢ଼ାଇବା ପାଇଁ ସୁଯୋଗ ଦିଆଯାଉଛି ନା ନିୟମିତ ଶିକ୍ଷକର ମାନ୍ୟତା ପାଇଁ ଶିକ୍ଷା ବିଭାଗର ପ୍ରଚେଷ୍ଟା ରହିଛି। ତେଣୁ ଏମଏଲଇ ସ୍କିମରେ ନିଯୁକ୍ତିପାଇଥିବା ଠିକା ଶିକ୍ଷକଙ୍କୁ ପଞ୍ଚମ ବର୍ଗ ଶିକ୍ଷକ ପଦବୀରେ ନିୟମିତ କରାଯାଉ ବୋଲି ସେନା ପକ୍ଷରୁ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପରେଶ ମାର୍ଣ୍ଡି, କାଡୁଲ ବାସ୍କେ, ଲାଖାନ ମାର୍ଣ୍ଡି, ରଘୁନାଥ ସିଂ, ଲାଖାଇ ମୁର୍ମୁ ଲକ୍ଷ୍ମଣ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।


ଜୟନ୍ତୀରେ ଯୋଗ ଦେଇଥିବା ଅତିଥି ଓ କର୍ମକର୍ତ୍ତାମାନେ।

## ବାଲ୍ ମହୋତ୍ସବ-୨୦୨୦

ବାରିପଦା ଅଫିସ, ୫।୨

ଟିମ୍ କିଡ଼ସ ଆନୁକୁଲ୍ୟରେ ସ୍ଥାନୀୟ ସହିଦ୍ ସ୍ମୃତି ଭବନଠାରେ ବାଲ୍ ମହୋତ୍ସବ -୨୦୨୦ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଅସିତ୍ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶ ବିଜ୍ଞାନୀ ଡା. ବିନୋଦ ବିହାରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଏମପିସି କଲେଜ (କନିଷ୍ଠ) ଅଧକ୍ଷ ଶୁଭଙ୍କର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଯତୀନ୍ଦ୍ର ମୋହନ ଶତପଥୀ, ଲେଖକ ଆଶିଷ କୁମାର ବସା, ଜିଲା କୋର୍ଟ ମ୍ୟାନେଜର ମଳୟ କୁମାର ଗିରି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ବାଲ୍ ମହୋତ୍ସବ ଦ୍ୱାରା କୁନି କୁନି ପିଲାମାନେ ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶନ କରି ପାରୁଥିବା କହିଥିଲେ। ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକମାନେ ପିଲାମାନଙ୍କ ରୁଚି ଥିବା ଜିନିଷକୁ ଆଗ୍ରହ ଦେଇ ସେ ଦିଗରେ ପିଲାମାନଙ୍କୁ ନେଲେ ସେମାନେ ସଫଳ ହେବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତି ହୋଇଥିବା ଛାତ୍ରୀଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉର୍ବଶୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ମଧୁମିତା ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଠାକୁରମୁଣ୍ଡା,୫।୨(ଡି.ଏନ୍.ଏ.)

ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଧର୍ମେନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଞ୍ଚପୀଢ ଉପଜିଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟ ବକ୍ତା ଭାବେ ଜିଲା ଶିକ୍ଷା ନିରୀକ୍ଷକ ଚନ୍ଦ୍ରଭାନୁ ମହାପାତ୍ର, ସମ୍ମାନନୀୟ ଅତିଥି ଠାକୁରମୁଣ୍ଡା ବିଡ଼ିଓ ବିଜୟ କୁମାର ନାୟକ, ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ, ବିଇଓ ମନୋରଞ୍ଜନ ବାରିକ, ଥାନା ଅଧିକାରୀ ନିରୋଜ କୁମାର ସାମଲ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

## କନ୍ୟାଶ୍ରମ ଛାତ୍ରୀଙ୍କ ମୃତ୍ୟୁ

ରାସଗୋବିନ୍ଦପୁର,୫।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ଦେବଶୋଳ କନ୍ୟାଶ୍ରମର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ବୁଧବାର ମୃତ୍ୟୁ ଘଟିଛି। ମଙ୍ଗଳବାର ଛାତ୍ରୀ ଜଣକ ଅସୁସ୍ଥ ହୋଇ ପଡ଼ିବାରୁ ସେବାଶ୍ରମ କର୍ତ୍ତୃପକ୍ଷ ତାଙ୍କୁ ରାସଗୋବିନ୍ଦପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସାପରେ ଛାତ୍ରୀ ଜଣକ କନ୍ୟାଶ୍ରମକୁ ଫେରିଯାଇଥିବା ବେଳେ ବୁଧବାର ସନ୍ଧ୍ୟାରେ ଶୋଇଥିବା ବେଳେ ଉଠି ନ ଥିଲେ। ତାଙ୍କୁ ପୁଣି ଥରେ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଝାରପୋଖରିଆ,୫।୨(ଡି.ଏନ୍.ଏ.)

ସାରସକଣା ବ୍ଲକ ଶୀର୍ଷା ପଞ୍ଚାୟତ ଅଧୀନ ଏସ.କେ.ବିଲା ଗ୍ରାମର ହଙ୍କ୍ ରାଇଡର ଯୁଥ କ୍ଲବର ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଯୁଥ କ୍ଲବର ସଭାପତି ସୀମାନ୍ତ ମୁଣ୍ଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶୀର୍ଷା ସରପଞ୍ଚ ସସ୍ମିତା ମୁଣ୍ଡା, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ବାଞ୍ଛାନିଧି ସାହୁ ଯୋଗ ଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ସୁଶାନ୍ତ ମହାନ୍ତ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସମ୍ପାଦକ ରବି ନାରାୟଣ ମୁଣ୍ଡା ବିବରଣୀ ପାଠ କରିଥିଲେ। କ୍ଲବର ସଦସ୍ୟ ବାସୁଦେବ ମୁଣ୍ଡା, ଅନନ୍ତ ନାଏକ, ପଦ୍ମଲୋଚନ ନାୟକ ଏବଂ ରାଜ କୁମାର ସି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମେଘାସନ ମହାବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

**ଉଚ୍ଚସ୍ତରୀୟ ତଦନ୍ତ ଦାବି**

କପ୍ତିପଦା,୫।୨(ଡି.ଏନ୍.ଏ)

କପ୍ତିପଦା ବ୍ଲକ୍ ଅଧୀନ ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଲୋକ ଓ ଅବିଭାବକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ଆରମ୍ଭ କରିଛନ୍ତି। ଉକ୍ତ ମହାବିଦ୍ୟାଳୟରେ ଅଧକ୍ଷଙ୍କ ସହିତ ପ୍ରଶାସନିକ ଅଧିକାରୀ ବିଭିନ୍ନ ଆର୍ଥିକ ଅନିୟମିତତାରେ ସଂଶ୍ଳିଷ୍ଟ ହୋଇ ୟୁ.ଜି.ସି ଓ କଲେଜ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଓ ଅବିଭାବକମାନେ ମହାବିଦ୍ୟାଳୟର ୧୧ଟି ଅନିୟମିତତାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି। ସେମାନେ ଏହି ଅଭିଯୋଗ ପତ୍ର ଉଚ୍ଚ ଶିକ୍ଷା ବିଭାଗ ସଚିବ, ୟୁ.ଜି.ସି, ଦିଲ୍ଲୀ, ଏଚ.ଆର.ଡି, ଦିଲ୍ଲୀ, ଜିଲାପାଳ, ମୟୂରଭଞ୍ଜ, ଭିଜିଲାନ୍ସ ନିର୍ଦ୍ଦେଶକ ଓ ବିଧାୟକ ଉଦଲାଙ୍କୁ ପ୍ରଦାନ କରିଛନ୍ତି। ଦାବି ଗୁଡିକ ମଧ୍ୟରେ ପ୍ରଶାସନିକ ଅଧିକାରୀଙ୍କ ଘରେ ଚାଲିଥିବା ଏକ ଛାତ୍ରୀ ନିବାସର ପୁରୁଣା ଖଟ ଗୁଡିକ ମହାବିଦ୍ୟାଳୟର ନୂଆ ଛାତ୍ରୀ ନିବାସକୁ ଆଣି ଏହାକୁ ନୂଆ ଦର୍ଶାଇ ଆର୍ଥିକ ଅନିୟମିତତା କରାଯାଇଛି। ୨୦୧୮-୧୯ରେ ଓଡିଶା ସରକାରଙ୍କ ପକ୍ଷରୁ ଶ୍ରେଣୀ ଗୃହ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ଓ କଲେଜ ପାଣ୍ଠିରୁ ୬ଲକ୍ଷ ଟଙ୍କା ମୋଟ ୨୬ ଲକ୍ଷ ଟଙ୍କାରୁ ୧୮ ଲକ୍ଷ ଟଙ୍କାର କାମ ହୋଇଥିବା ବେଳେ ଅବଶିଷ୍ଟ ଟଙ୍କାକୁ ହଡପ କରାଯାଇଛି। ୟୁ.ଜି.ସି ପକ୍ଷରୁ ଛାତ୍ରୀ ନିବାସ କାମ ସମ୍ପୂର୍ଣ୍ଣ କରିବା ପାଇଁ ଆସିଥିବା ୪ଲକ୍ଷ ୫୦ ହଜାର ଟଙ୍କା ଓ ଇନଡୋର ଷ୍ଟାଡିୟମ କାମ ଶେଷ କରିବା ପାଇଁ ଆସିଥିବା ୩ଲକ୍ଷ ୫୦ ହଜାର ଟଙ୍କାରେ କୌଣସି କାମ ହୋଇ ନ ଥିବା ବେଳେ କାଗଜ କଲମରେ କାମ ହୋଇଥିବା ଅଭିଯାଗରେ ଦର୍ଶାଯାଇଛି। ସରକାରଙ୍କ ବିନା ଅନୁମତିରେ ଆବଶ୍ୟକ ନ ଥିବା ପଦବୀମାନଙ୍କରେ ନୂଆ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି କରି ଲକ୍ଷଲକ୍ଷ ଟଙ୍କା ଡୋନେସନ ଆଦାୟ କରାଯାଇଛି। ଆବଶ୍ୟକ ନ ଥାଇ ଛାତ୍ରୀ ନିବାସ ନିକଟରେ ପାଚେରୀ ନିର୍ମାଣ କରି ଆର୍ଥିକ ଅନିୟମିତତା କରାଯାଇଛି। ୟୁ.ଜି.ସି ଆକାଉଣ୍ଟକୁ ସ୍ଥାନୀୟ ବ୍ୟାଙ୍କରେ ନ ରଖି ବାରିପଦାସ୍ଥିତ ଏକ ବ୍ୟାଙ୍କରେ ରଖାଯାଇ ମନଇଚ୍ଛା ଟଙ୍କା ଉଠାଣ କରାଯାଉଛି, ସେହିପରି ଆବଶ୍ୟକ ନ ଥାଇ କଲେଜ ଆକାଉଣ୍ଟରୁ ଟଙ୍କା ଉଠାଣ କରି କଲେଜ ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥ ପାଇଁ ମନଇଚ୍ଛା ଖର୍ଚ୍ଚ କରାଯାଉଛି। ୟୁ.ଜି.ସି ଅନୁଦାନରୁ ଖେଳ ସାମଗ୍ରୀ କିଣା ପାଇଁ ଆସିଥିବା ୪ଲକ୍ଷ ୫୦ ହଜାର ଟଙ୍କାରୁ ମାତ୍ର ୨ଲକ୍ଷ ୫୦ ହଜାର ଟଙ୍କାରେ ଖେଳ ସାମଗ୍ରୀ କିଣାଯାଇ ଅନ୍ୟ ଅନୁଦାନକୁ ହଡପ କରାଯାଇଛି। ବ୍ଲକ୍ ଗ୍ରାଣ୍ଟ କର୍ମଚାରୀମାନଙ୍କର ଇ.ପି.ଏଫକୁ ନିୟମିତ ନ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ୩.୪୫ଲକ୍ଷକୁ ଆତ୍ମସାତ କରାଯାଇଛି। ୟୁ.ଜି.ସିରୁ ମହାବିଦ୍ୟାଳୟରେ ରିମେଡିଆଲ କ୍ଲାସ ପାଇଁ ଆସିଥିବା ଅନୁଦାନରେ କୌଣସି କ୍ଲାସ ନ କରି ସମ୍ପୂର୍ଣ୍ଣ ଟଙ୍କାକୁ ବାଟ ମାରଣା କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ.ଫକୀର ଚରଣ ବେହେରାଙ୍କୁ ପଚାରିବାର ସେ ଅଭିଯୋଗକୁ ଅସ୍ୱୀକାର କରିବା ସହିତ ଏସବୁ ମନଗଢା ଓ ଭିତ୍ତିହୀନ ବୋଲି କହିଛନ୍ତି। ପ୍ରଶାସନିକ ଅଧିକାରୀ ପ୍ରଫେସର ଡ.ରମେଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ ମଧ୍ୟ ଅଭିଯୋଗକୁ ଅସ୍ୱୀକାର କରିଥିବା ବେଳେ ଖଟ ଗୁଡିକ ଦାନ ଆକାରରେ ଛାତ୍ରୀ ନିବାସକୁ ଦେଇଥିବା କହିଛନ୍ତି।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ବାଙ୍ଗିରିପୋଷି,୫।୨(ଡି.ଏନ୍.ଏ.)– ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଅନୁଷ୍ଠାନର ଅଧକ୍ଷ ମଣିଭଦ୍ର ସେଣ୍ଠ ସଭାପତିତ୍ୱ କରିବା ସହିତ ପ୍ରଶିକ୍ଷଣର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ପ୍ରୋଗ୍ରାମ ଅଫିସର ଅଧାପକ ଡ. ଗଜେନ୍ଦ୍ର କୁମାର ନନ୍ଦ ସାମ୍ପ୍ରତିକ ସମାଜରେ ଛାତ୍ରୀମାନେ ପ୍ରଶିକ୍ଷଣ ଶିବିରରେ ଭାଗ ନେଇ କିପରି ନିଜକୁ ସୁରକ୍ଷିତ କରିପାରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ମିନତୀ ମହାନ୍ତ, କଳ୍ପିତା ପାଢୀ, ଲିପି ନାୟକ,କ୍ରୀଡ଼ା ଶିକ୍ଷୟିତ୍ରୀ ସୁକାନ୍ତି ମହାନ୍ତ, ରତିରଞ୍ଜନ ବେହେରା, ରବୀନ୍ଦ୍ର ନାଥ ବେହେରା, ଦେବସ୍ମିତା ବେହେରା, ସୁଧାଂଶୁ ମହାନ୍ତଙ୍କ ସହାୟତାରେ ସଭାଟି ସାଫଲ୍ୟ ମଣ୍ଡିତ ହୋଇଥିଲା। ପରେ ମାଷ୍ଟର ଟ୍ରେନର ଇପସିତା ପଣ୍ଡା ଓ ପ୍ରଗତି ତ୍ରିପାଠୀ ଛାତ୍ରୀମାନଙ୍କୁ ନେଇ ନିଜର କ୍ରିଡା କୌଶଳ ଆରମ୍ଭ କରିଥିଲେ।

## ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଉତ୍ସବ

କୁଆଁମରା,୫।୨(ଡି.ଏନ୍.ଏ.)

ଗୋପବନ୍ଧୁ ନଗର ବ୍ଲକ କୁଆଁମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଶାନ୍ତନୁ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଗୋପୀନାଥ ପଣ୍ଡା, ମୁଖ୍ୟ ବକ୍ତା ପ୍ରାଧାପକ ନନ୍ଦ କିଶୋର ବେହେରା, ସମ୍ମାନନୀୟ ଅତିଥିଭାବେ ଅଧ୍ୟାପକ ଶିଶିର କୁମାର ପୃଷ୍ଟି, ବିଜୟ କୁମାର ବାରିକ, ରବୀନ୍ଦ୍ର କୁମାର ପଣ୍ଡା, ସୁଧାକର ଶତପଥୀ ପ୍ରମୁଖ ଯୋଗଦେଇ ସଫଳତା ଓ ବିଫଳତା ନିଜ ଚିନ୍ତା ଧାରା ଉପରେ ନିର୍ଭର କରେ, ତେଣୁ ନିଜ ଚିନ୍ତା ଶୈଳୀକୁ ପରିବର୍ତ୍ତନ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ପ୍ରଦୀପ କୁମାର ଜେନା ପରିଚାଳନା କରିଥିବା ବେଳେ ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଷଣ୍ଢକୁ ହତ୍ୟା ଅଭିଯୋଗ

**ତିହିଡ଼ି,୫।୨(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା କୁବେରା ପଞ୍ଚାୟତ ଅଧୀନ ଇଟାଗଡ଼ି ଗ୍ରାମଠାରୁ କିଛି ଦୂରରେ ଥିବା ବିଲରେ ଏକ ଷଣ୍ଢକୁ ଅଣ୍ଡକୋଷ କାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଇଟାଗଡ଼ି ଗ୍ରାମର କେତେଜଣ ଅଧିବାସୀ ବୁଧବାର ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳକୁ ଯାଇ ଏହାର ତଦନ୍ତ କରିଛି। ଇଟାଗଡ଼ି ଗ୍ରାମ ବିଲରେ ଏକ ଷଣ୍ଢର ମୃତଦେହ ପଡ଼ିଥିବା ମଙ୍ଗଳବାର ଗ୍ରାମବାସୀ ଦେଖିଥିଲେ। ଷଣ୍ଢର କାନ ଓ ଅଣ୍ଡକୋଷ କାଟି ଦିଆଯାଇଥିବା ସେମାନେ ଦେଖିବାକୁ ପାଇଥିଲେ। ଇଟାଗଡ଼ି ଓ ଗୁଜିଦରଡ଼ା ବିଲ ମଧବର୍ତ୍ତୀ ଅଞ୍ଚଳରେ ଏହି ଘଟଣା ଘଟିଥିବାରୁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକ ଷଣ୍ଢକୁ ହତ୍ୟା କରିଥିବା ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ଏହାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଗ୍ରାମର ନିତ୍ୟାନନ୍ଦ ସ୍ୱାଇଁ, ପରମାନନ୍ଦ ସେଠୀ, ଲକ୍ଷ୍ମୀଧର ସେଠୀ, ହରପ୍ରିୟା ବିଶ୍ୱାଳ, ଲମ୍ବୋଦର ସେଠୀ ଓ ଅମୂଲ୍ୟ ଖୁଣ୍ଟିଆ ପ୍ରମୁଖ ଦାବି ଜଣାଇଛନ୍ତି।

### ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ତେଲକୋଇ, ୫।୨ (ଡି.ଏନ.ଏ.):** ତେଲକୋଇ ଥାନା ଅନ୍ତର୍ଗତ ଭୀମକାଣ୍ଡ ପଞ୍ଚାୟତ ବେରନା ପୋଲ ନିକଟରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି କରଦାଙ୍ଗି ପଞ୍ଚାୟତ ଘୋଡାବେଡା ସାହିର ଲମ୍ବୋଦର ନାଏକ। ବୁଧବାର ସକାଳେ ଲମ୍ବୋଦରଙ୍କ ମୃତଦେହ ରାସ୍ତାକଡରେ ପଡିଥିବା ସ୍ଥାନୀୟ ବାସିନ୍ଦା ଦେଖିଥିଲେ । ମୃତଦେହ ନିକଟରେ ଏକ ବାଇକ ପଡିଥିବାର ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ତେଲକୋଇ ଡାକ୍ତରଖାନାକୁ ପଠାଇଥିଲେ। ତେବେ ସଡ଼କ ଦୁର୍ଘଟଣାରେ ଲମ୍ବୋଦରଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ଏନେଇ ପୋଲିସ ଏକ ମାମଲା (ନଂ. ୨୧/୨୦) ରୁଜୁ କରି ତଦନ୍ତ ଚଳାଇଛି।

### ୯ରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆନ୍ତଃରାଜ୍ୟ ମହୋତ୍ସବ

**ଭୋଗରାଇ,୫।୨(ଡି.ଏନ.ଏ.)-** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ହେଲିପ୍ୟାଡ଼ ପଡ଼ିଆରେ ଆସନ୍ତା ୯ ତାରିଖରେ ଦିବସବ୍ୟାପୀ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଆନ୍ତଃରାଜ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ଉତ୍ତରବାଲେଶ୍ୱରର ଭୋଗରାଇ ସମେତ ଜଳେଶ୍ୱର, ବସ୍ତା ଓ ବାଲିଆପାଳ ଅଞ୍ଚଳରେ ଥିବା ଠାକୁରଙ୍କ ଆଶ୍ରିତ ସହିତ ପଡ଼ୋଶୀ ପଶ୍ଚିମବଙ୍ଗର ବହୁ ଶ୍ରଦ୍ଧାଳୁ ଏହି ମହୋତ୍ସବରେ ଯୋଗଦେବେ। ଏଥିପାଇଁ ବୁଧବାର ଭୋଗରାଇ ଶ୍ରୀବେସ୍ତପୁର ନିକଟସ୍ଥ ସତ୍‌ସଂଗ ବିହାର ପରିସରରେ ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମହୋତ୍ସବରେ ବ୍ରହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନହବତ୍, ପ୍ରତ୍ୟୁଷରେ ଉଷାକୀର୍ତ୍ତନ, ପ୍ରାତଃ ବିନତୀ ପ୍ରାର୍ଥନା, ନାମଜପ, ଧର୍ମଗ୍ରନ୍ଥାଦି ପାଠ କରାଯିବ। ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ ଓ ଠାକୁରଙ୍କ ପ୍ରତିକୃତି ତୈଳଚିତ୍ର ସୁସଜ୍ଜିତ ଶୋଭାଯାତ୍ରା କରାଯାଇ ମଞ୍ଚକୁ ଭକ୍ତମାନେ ଆଗମନ କରିବେ। ଏହି ମହୋତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଉଦ୍‌ବୋଧନ ଦେବେ ବୋଲି ଖବରଦାତା ସମ୍ମିଳନୀରେ ରତିକ କେଦାରନାଥ ମହାନ୍ତି, ହୃଦୟ ରଞ୍ଜନ ତ୍ରିପାଠୀ, ସୁଧୀର ଚନ୍ଦ୍ର ପରିଡ଼ା, ଆଶିଷ କୁମାର ମିଶ୍ର, ଈଶ୍ୱର ଚନ୍ଦ୍ର ଗିରି, ନରେନ୍ଦ୍ର ନାଥ ସାହୁ, ଭଗୀରଥ ପୃଷ୍ଟି ପ୍ରମୁଖ ପ୍ରକାଶ କରିଛନ୍ତି।

# ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପ ପରିଦର୍ଶନ

**ଚାନ୍ଦବାଲି,୫।୨(ଡି.ଏନ.ଏ.)**

ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ ବୁଧବାର ଅପରାହ୍ନରେ ଚାନ୍ଦବାଲି ଗସ୍ତ କରି କେତେକ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଚାନ୍ଦବାଲି ବ୍ଲକ ଅଧୀନ ନୟାହାଟ ଗାଁରେ ପ୍ରାୟ ୧ ହଜାର କୋଟି ଟଙ୍କା ବ୍ୟୟବରାଦରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପର ବିଶୋଧନାଗାର

**ଚାନ୍ଦବାଲିରେ ଜିଲାପାଳଙ୍କ ସମୀକ୍ଷା**


ଜିଲାପାଳ ଜ୍ଞାନରଞ୍ଜନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କାର୍ଯ୍ୟକୁ ଜିଲାପାଳ ବୁଲି ଦେଖିଥିଲେ। କେତେକ ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ଏଠାରେ ସରକାରୀ ଜମିରେ ବିଶୋଧନାଗାରର ପାଚେରି ନିର୍ମାଣ ଚାଲିଛି। ଜିଲାପାଳଙ୍କ ସହିତ ଉପଜିଲାପାଳ ପୀତାମ୍ବର ସାମଲ, ଆରଡବ୍ଲୁଏସ୍‌ଏର ସହକାରୀ ଯନ୍ତ୍ରୀ ଲଳିତ ମହାନ୍ତି, ଚାନ୍ଦବାଲି ଏସ୍‌ଡିପିଓ ଉମାଶଙ୍କର ମହାରଣା, ଥାନା ଅଧିକାରୀ ପ୍ରଜ୍ଞା ମହାନ୍ତିଙ୍କ ସମେତ ନିର୍ମାଣକାରୀ ଠିକାସଂସ୍ଥାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପରେ ଜିଲାପାଳ ବ୍ଲକ, ତହସିଲ ଓ ଏନ୍‌ଏସିର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ତହସିଲଦାର ସତ୍ୟଜିତ ରାଉତ, ବିଡିଓ ଶ୍ୟାମସୁନ୍ଦର ଟୁଡୁ ଓ ଏନ୍‌ଏସି ଅଧିକାରୀ ଭାଗୀରଥି ପ୍ରଧାନଙ୍କ ସମେତ ବିଭାଗୀୟ କର୍ମଚାରୀସମୀକ୍ଷା ବେଳେ ଉପସ୍ଥିତ ଥିଲେ।

# ପ୍ରୋ-ମିନେରାଲ ନିଲମ୍ବିତ

**ଯୋଡ଼ା/ କେନ୍ଦୁଝର, ୫।୨ (ଡି.ଏନ.ଏ./ସ୍ୱ.ପ୍ର.):** ଯୋଡ଼ା ଖଣିମଣ୍ଡଳ ଅନ୍ତର୍ଗତ ଝୁମ୍ପୁରା ବ୍ଲକରେ ଥିବା ପ୍ରୋ ମିନେରାଲ କାରଖାନାକୁ ଅନିୟମିତତା ଅଭିଯୋଗରେ ନିଲମ୍ବନ କରାଯାଇଛି। ଯାଞ୍ଚ ରିପୋର୍ଟରେ ମିଳିଥିବା ଅନିୟମିତତା ଓ ଲୁହାପଥରର ଠିକ୍ ହିସାବ ନ ଦେବା ପର୍ଯ୍ୟନ୍ତ ଏହି ନିଲମ୍ବନ ଜାରି ରହିବ ବୋଲି ଯୋଡ଼ା ଖଣି ଉପନିର୍ଦ୍ଦେଶକ ଏଲ.ଡି ନାୟକ କହିଛନ୍ତି। ପ୍ରକାଶ ଯେ, ପ୍ରୋ-ମିନେରାଲ କାରଖାନାରେ ବିଭିନ୍ନ ଅନିୟମିତତା ହୋଇଥିବା ଅଭିଯୋଗ ହେବାପରେ ଗତ ମାସରେ ଯୋଡ଼ା ଖଣି ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ କାରଖାନା ପକ୍ଷରୁ ଦର୍ଶାଯାଇଥିବା ବିଭିନ୍ନ ଗ୍ରେଡର ଲୁହାପଥର ପରିମାଣ ଓ ମିଳିଥିବା ଲୁହାପଥର ପରିମାଣ ମଧ୍ୟରେ ତାଳମେଳ ରହୁନଥିବା ଧରାପଡିଥିଲା । ଉକ୍ତ ତଦନ୍ତ ରିପୋର୍ଟକୁ ଆଧାର କରି କାରଖାନା ଚଳାଇବା ଅନୁମତିକୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପାଟଣା,୫।୨(ସ୍ୱ.ପ୍ର.):** ପାଟଣା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପରମେଶ୍ୱର ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ମୁଖ୍ୟବକ୍ତା ଭାବେ ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ଓମାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ଆଇଡିବିଆଇ ବ୍ୟାଙ୍କରୁ ଚୋରି ଉଦ୍ୟମ

**ଜଳେଶ୍ୱର, ୫।୨(ସ୍ୱ.ପ୍ର):** ଜଳେଶ୍ୱର ବ୍ଲକ ବଜାର ସ୍ଥିତ ଆଇଡ଼ିବିଆଇ ବ୍ୟାଙ୍କର ଜଳେଶ୍ୱର ଶାଖା ପଛପଟ ଝରକା ତାଡ଼ି ଜଣେ ଯୁବକ ଚୋରି କରିବା ଉଦ୍ୟମ କରୁଥିବାବେଳେ ଏଲ୍‌ଆଇସିର ସିକ୍ୟୁରିଟି ଗାର୍ଡଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଧରାପଡ଼ିଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ରାତିରେ ସମ୍ପୃକ୍ତ ଯୁବକ ଆଇଡ଼ିବିଆଇ ବ୍ୟାଙ୍କର ପଛପଟ ଝରକାକୁ ତାଡ଼ି ବ୍ୟାଙ୍କ ଭିତରକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ହଠାତ୍ ଗୋଟିଏ ଫୁଲକୁଣ୍ଡ ଖସିଯିବାରୁ ଶବ୍ଦ ହୋଇଥିଲା। ଏହି ଶବ୍ଦ ଶୁଣି ଏଲ୍‌ଆଇସିର ସିକ୍ୟୁରିଟି ଗାର୍ଡ ହାଡ଼ିବନ୍ଧୁ ସୋରେନ୍‌ଙ୍କ ଘଟଣାସ୍ଥଳରେ ପହଞ୍ଚି କୌଶଳ କ୍ରମେ ସମ୍ପୃକ୍ତ ଯୁବକକୁ କାବୁ କରିଥିଲେ। ଠିକ୍ ସେହି ସମୟରେ ଏଲ୍‌ଆଇସିର ଅନ୍ୟ ୨ଜଣ ସହଯୋଗୀ କର୍ମଚାରୀ ସେଠାରେ ପହଞ୍ଚିବା ପରେ


ଗିରଫ ଯୁବକ।

ତାକୁ ଅଟକ ରଖି ପୋଲିସ୍‌କୁ ଖବର ଦେଇଥିଲେ। ପରେ ଜଳେଶ୍ୱର ପୋଲିସ୍ ଅଭିଯୁକ୍ତ ଯୁବକ ଜଳେଶ୍ୱର ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ତ୍ରିଲୋଚନ ପ୍ରଧାନକୁ ଧରି ଥାନାକୁ ନେଇଥିଲା। ଏଥିନେଇ ଥାନାରେ ଏକ ମାମଲା (ନଂ. ୫୨।୨୦) ରୁଜୁ ହୋଇଛି।

# 'ନିର୍ଭୟା ଦୋଷୀଙ୍କୁ ତୁରନ୍ତ ଫାଶୀ ଦିଆଯାଉ'

**ଭଦ୍ରକ ଅଫିସ, ୫।୨:** ନିର୍ଭୟା ଗଣବଳାତ୍କାର ଓ ହତ୍ୟାକାଣ୍ଡ ଘଟଣାର ଦୋଷୀମାନଙ୍କୁ ତୁରନ୍ତ ଫାଶୀ ଦିଆଯାଉ। ଆଇନର ଫାଙ୍କରେ ସେମାନଙ୍କୁ ନ୍ୟାୟିକ ବ୍ୟବସ୍ଥାରେ ସୁରକ୍ଷା ଦେବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛନ୍ତି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର। ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ନରେ ଶତାଧିକ ଛାତ୍ରୀଛାତ୍ର କଲେଜରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସାକ୍ଷାତ କରିଥିଲେ। ତୁରନ୍ତ ଏହି ଦୋଷୀମାନଙ୍କୁ ଫାଶୀ ଦିଆଯାଉ ବୋଲି ଦାବି କରି ସେମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ଜଳେଶ୍ୱର ମହୋତ୍ସବରେ କୁକୁର ପ୍ରଦର୍ଶନୀ


ପ୍ରଦର୍ଶନୀରେ ଭାଗ ନେଇଥିବା କୁକୁରଙ୍କ ସହ ମାଲିକମାନେ।

**ଜଳେଶ୍ୱର,୫।୨(ଡି.ଏନ.ଏ.)**

ଜଳେଶ୍ୱର ମହୋତ୍ସବର ଉଦ୍‌ଯାପନୀ ଦିବସରେ ରୋଟାରାକ୍ଟ କ୍ଲବ ପକ୍ଷରୁ କୁକୁର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଲାବ୍ରାଡର, ଜର୍ମାନ ସାଫାର୍ଡ, ସେଣ୍ଟବର୍ଗ, ସ୍ପିଟ୍, ଗୋଲଡେନ ରେଣ୍ଡ ଆଦି ବିଭିନ୍ନ ପ୍ରଜାତିର କୁକୁର ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଏଥିରେ କେଶବ ଘୋଷଙ୍କ କୁକୁର ପ୍ରଥମ, ତୁଷାର ଦେବରାଜ ଓ ମହମ୍ମଦ ସୋନୁଙ୍କ କୁକୁର ଯୁଗ୍ମ ଦ୍ୱିତୀୟ, ସେକ୍ ରାଜା ଓ ଜିତେନ୍ଦ୍ର ଦାସଙ୍କ କୁକୁର ଯୁଗ୍ମ ୩ୟ ସ୍ଥାନ ହାସଲ କରିଥିଲେ। ସେମାନଙ୍କ କୁକୁର ଏବଂ କନିଷ୍ଠ ବର୍ଗରେ ଇନ୍ଦ୍ରଜିତ ସାହୁଙ୍କ କୁକୁରକୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରାଣୀ ଚିକିତ୍ସକ ରଞ୍ଜନ କୁମାର ଦାସ ଓ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଅରୁଣ କୁମାର ପ୍ରଧାନ ବିଚାରକ ଭାବେ ଯୋଗ ଦେଇଥିଲେ। ରୋଟାରାକ୍ଟ କ୍ଲବର ଆର.ସି.ସି ସୁବ୍ରତ ରଣା, ପ୍ରୋଜେକ୍ଟ ଚେୟାରମ୍ୟାନ ପୁଷ୍ପେନ୍ଦୁ ଜେନା, ସଭାପତି ସେକ୍ ହସିରୁଦ୍ଦିନ ବକ୍ସ ଓ କୋଷାଧ୍ୟକ୍ଷ ସୁରଜ ଚୌରାସିଆ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ ମହୋତ୍ସବ କମିଟିର ସଭାପତି ଶିଶିର ହୁଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

# ନୂତନ ଦମକଳ କେନ୍ଦ୍ର ଉଦ୍‌ଘାଟନ

**ବାହାନଗା,୫।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଷଠୀ ଗ୍ରାମରେ ନୂତନ ଦମକଳ କେନ୍ଦ୍ରର ଶୁଭ ଉଦଘାଟନ ହୋଇଯାଛି। ଏଥି ସହିତ କେନ୍ଦ୍ରର ନୂତନ ଗୃହର ଶିଳାନ୍ୟାସ କରାଯାଇଛି। ଘରୋଇ ବିଭାଗର ରାଷ୍ଟ୍ର ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟ ଶଙ୍କର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ସୋର ବିଧାୟକ ପର୍ଶୁରାମ ଧଡା ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ରାଜ୍ୟ ମୁଖ୍ୟ ଅଗ୍ନିଶମ ବିଭାଗର ଅଧିକାରୀ ସୁକାନ୍ତ ସେଠୀ, ଉପଜିଲାପାଳ ନିଲୁ ମହାପାତ୍ର, ରାଜ୍ୟ ଉପ ଅଗ୍ନିଶମ ଅଧିକାରୀ ରମେଶ ସେଠୀ, ଜିଲା ଅଗ୍ନିଶମ ଅଧିକାରୀ ପୂର୍ଣ୍ଣ ସୋରେନ୍, ନରହରି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଷଠୀ ପଡ଼ିଆରେ ୫୮ ଲକ୍ଷ ଟଙ୍କାରେ ହେବାକୁ ଥିବା ଦମକଳ କେନ୍ଦ୍ର ଗୃହ ନିର୍ମାଣ ପାଇଁ ମନ୍ତ୍ରୀ ଶିଳାନ୍ୟାସ କରିଥିଲେ । ଦମକଳ କେନ୍ଦ୍ର


ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଫିତାକାଟି ଦମକଳ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

ପାଇଁ ୨ଟି ଗାଡି ଯୋଗାଇ ଦିଆଯାଇଛି । ଦୀର୍ଘ ଦିନର ଆଶା ପୂରଣ ହୋଇ ଥିବାରୁ ଅଞ୍ଚଳବାସୀ ମନ୍ତ୍ରୀ ଓ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀଧର ମହାନ୍ତି, ଅଜୟ କୁମାର ପଣ୍ଡା, ପ୍ରଶାନ୍ତ ବେହେରା,ବିନୋଦ ମହାକୁଡ,ଶରତ ସାମଲ,ଦାମୋଦର ମହାନ୍ତି,ଘନଶ୍ୟାମ ସାହୁ, କାଳିଆ ମହାକୁଡ,କରୁଣା ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂତନ ଦମକଳ କେନ୍ଦ୍ରର ଅଫିସର ଇନଚାର୍ଜ ଶମ୍ଭୁନାଥ ଦାସଙ୍କ ମୋବାଇଲ ନମ୍ବର ୯୪୩୭୮୨୬୧୯୬ରେ ଜନସାଧାରଣ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି। ସେହିପରି ଅନୁରୂପ ଭାବେ ବାହାନଗା ତହସିଲ ସଂଗ୍ରାମ ସମିତି ତରଫରୁ ମନ୍ତ୍ରୀଙ୍କ ଉଦ୍‌ଘାଟନ ପୂର୍ବରୁ ଫିତାକାଟି ଏହାକୁ ଉଦ୍‌ଘାଟନ କରାଯାଇଥିବା ବେଳେ ଅପରାହ୍ନରେ ସରକାରୀ ଭାବେ ମନ୍ତ୍ରୀ ଓ ଜିଲାପାଳ ପ୍ରମୁଖ ଦମକଳ କେନ୍ଦ୍ରକୁ ଉଦଘାଟନ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା।

# 'ଗ୍ରାମାଞ୍ଚଳ ପ୍ରତିଭାର ବିକାଶ ପାଇଁ ଉତ୍ସବର ଆବଶ୍ୟକତା ରହିଛି'

**ସିମୁଳିଆ,୫।୨(ଡି.ଏନ.ଏ.):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମାର୍କୋଣାର ଏକ ବିଂଶତମ ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଇଂ. ଅଭୟ ସୂତାର ଯୋଗଦେଇ ଗ୍ରାମାଞ୍ଚଳ ପ୍ରତିଭାର ବିକାଶ ପାଇଁ ଉତ୍ସବର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମୁଖ୍ୟପତ୍ର 'ଶିଶୁଜ୍ୟୋତି' ଉନ୍ମୋଚିତ ହୋଇଥିଲା । ଅନୁଷ୍ଠାନର ସଭାପତି ଗୋପାଳ ଚନ୍ଦ୍ର ବେହେରା ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ରଘୁନାଥ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ପ୍ରଧାନ ଆଚାର୍ଯ୍ୟ ଅନ୍ତର୍ଯ୍ୟାମୀ ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ଓ ଶିକ୍ଷାରେ ମୋଟ ୧୮ଜଣ କୃତୀଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ପାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଚାର୍ଯ୍ୟ ରାମଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମାନ୍ୟ ବର୍ଷାରେ ଧୋଇଗଲା ୨୦ ଲକ୍ଷର ଡ୍ରେନ୍



**ଆନନ୍ଦପୁର, ୫।୨(ସ୍ୱ.ପ୍ର.):** ଆନନ୍ଦପୁର ପୌର ପରିଷଦ ୭ନଂ ୱାର୍ଡ଼ରେ ଦେଖିବାକୁ ମିଳିଛି ସହରାଞ୍ଚଳ ବିକାଶର ନଗ୍ନ ଚିତ୍ର। ୨୦ ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିବା ଜଳ ନିଷ୍କାସନ ନାଳ ମାତ୍ର କେଇଟା ଦିନରେ ସାମାନ୍ୟ ବର୍ଷାରେ ଧୋଇଗଲା। ଧୋଇ ଯାଇଥିବା ନାଳର ଅବସ୍ଥାକୁ ଦେଖିଲେ ନିର୍ମାଣ କାର୍ଯ୍ୟରେ ହୋଇଥିବା ଅନିୟମିତତାର ସ୍ପଷ୍ଟ ଚିତ୍ର ବାରି ହୋଇପଡ଼ିବ। ୭ନଂ ୱାର୍ଡରେ ନିର୍ମାଣ ହୋଇଥିବା ଏହି ଡ୍ରେନ ଡିଓଏଫ ଏବଂ ୧୪ତମ ଏଫସି ଗ୍ରାଣ୍ଟରେ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଡ୍ରେନ୍ ନିର୍ମାଣ ପାଇଁ ଟେଣ୍ଡର ହୋଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି କାର୍ଯ୍ୟାଦେଶ ଆରମ୍ଭ କରାଯାଇ କାର୍ଯ୍ୟ ମଧ୍ୟ ଶେଷ ହେଲା। ଏପରି କି ଠିକାଦାର ନିର୍ମାଣ କାର୍ଯ୍ୟର ଅର୍ଥ ମଧ୍ୟ ପାଇବାରେ ସକ୍ଷମ ହୋଇଛନ୍ତି। ସଂପୃକ୍ତ ନିର୍ମାଣ କାର୍ଯ୍ୟଗୁଡିକ କାର୍ଯ୍ୟରତ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରାମର୍ଶରେ ନିର୍ମାଣ କାର୍ଯ୍ୟ ମଧ୍ୟ ଅନୁଷ୍ଠିତ ହୋଇଥିଲା। ହେଲେ ଶୀତଦିନିଆ ଅସରାଏ ବର୍ଷାରେ ଜଳନିଷ୍କାସନ ନାଳ ଧୋଇଯିବା ଘଟଣାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡ୍ରେନ୍ ନିର୍ମାଣ କାର୍ଯ୍ୟ ସମୟରେ ଏଷ୍ଟିମେଟ୍ ଅନୁଯାୟୀ ଆବଶ୍ୟକୀୟ କଞ୍ଚମାଲ ବ୍ୟବହାର ହୋଇନଥିବା ଦେଖିବାକୁ ମିଳିଛି। ଏସମ୍ପର୍କରେ ଆନନ୍ଦପୁର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ହିତାଂଶୁ ଶେଖର ସାମଲଙ୍କୁ ପଚାରିବାରୁ ଠିକାଦାରଙ୍କ ଦ୍ୱାରା ହୋଇଥିବା ନିର୍ମାଣ କାର୍ଯ୍ୟ ଠିକ୍ ହୋଇ ନ ଥିବା କହିଥିବାବେଳେ ସଂପୃକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ତେବେ ଜଳ ନିଷ୍କାସନ ନାଳ ଭାଙ୍ଗିଯାଇଥିବା ଅଂଶକୁ ଲୋକମାନଙ୍କ ଦୃଷ୍ଟି ଆଢୁଆଳରେ ରଖିବା ପାଇଁ ପୁନର୍ବାର ମରାମତି କରାଯାଇଛି। ହେଲେ ନିର୍ମାଣ ହୋଇଥିବା ନାଳର ଅନ୍ୟ ଅଂଶଗୁଡିକର ସ୍ଥାୟିତ୍ୱକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

**ସଜନାଗଡ଼,୫।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ 'ଅର୍ଦ୍ଧ ପରି-ବାହି ଜନିତ ଉକରଣମାନଙ୍କର ପ୍ରକୃତ ରହସ୍ୟ'ସମ୍ବନ୍ଧରେ ବୁଧବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଉମାକାନ୍ତ ଶତପଥି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅଧ୍ୟାପକ ଭିକାରୀ ଚରଣ ପୃଷ୍ଟି ଆଲୋଚନାଚକ୍ର ବିଷୟବସ୍ତୁ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ସୁବ୍ରତ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏଥିରେ ବିଭାଗର ୫୬ଜଣ ଛାତ୍ରୀଛାତ୍ର ତଥା ଇଂରାଜୀ ବିଭାଗର ଅଧ୍ୟାପିକା ଶିଳ୍ପା ମିଶ୍ର, ବାଣିଜ୍ୟ ବିଭାଗର ଅଧ୍ୟାପିକା ଶୁଭଶ୍ରୀ ସୁଭସ୍ମିତା ଜେନା, ପଦାର୍ଥ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ଶୁଭେନ୍ଦୁ ପଣ୍ଡା ଓ ବିଭାକର ପୁହାଣ ଅଂଶଗ୍ରହଣ କରିଥିଲେ।

# ବିଭିନ୍ନ ଦାବିରେ ବିଇଓ ଅଫିସ ଘେରାଉ

**କେନ୍ଦୁଝର, ୫।୨(ସ୍ୱ.ପ୍ର./ଡି.ଏନ୍.ଏ.)**

ବୁଧବାର ଅପରାହ୍ନରେ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ କେନ୍ଦୁଝର ମଣ୍ଡଳ ଶିକ୍ଷା ଅଧିକାରୀ ସଦର ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଶତାଧିକ ଶିକ୍ଷୟତ୍ରୀଶିକ୍ଷକ ଏହି ଘେରାଉରେ ସାମିଲ ହୋଇ ଦାବି ଉପସ୍ଥାପନ କରିଥିଲେ। ଏନେଇ ବିଭିନ୍ନ ୮ ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରି ସମାଧାନ ଦାବିକରିଥିଲେ। ଠିକ ସମୟରେ ଇନକ୍ରିମେଣ୍ଟ ନ କରିବା, ଇନକ୍ରିମେଣ୍ଟ ପାଇଁ ମନଇଚ୍ଛା ନୀତିନିୟମ ବାହାର କରିବା ଫଳରେ ସେମାନଙ୍କ ପ୍ରାପ୍ୟ ମିଳୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ବିନା କାରଣରେ ଶିକ୍ଷକ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାରୁ



ଶିକ୍ଷୟିତ୍ରୀଶିକ୍ଷକ ବିଇଓ ଅଫିସ ଘେରାଉ କରିଛନ୍ତି।

ମଧ୍ୟ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସିଆରସିସି ମାନଙ୍କୁ ନିଜସ୍ୱ କାମରେ ନିୟୋଜିତ କରିବା ଫଳରେ ଅନ୍ୟାନ୍ୟ କାମକାର୍ଯ୍ୟ ବ୍ୟାହତ ହେଉଥିବା କହିଛନ୍ତି। ବିଭିନ୍ନ ପ୍ରକାରର ବକେୟା ଦେୟ ବହୁ ଦିନରୁ ପଡି ରହିଥିଲେ ହେଁ ଶିକ୍ଷକ ମାନଙ୍କୁ ପ୍ରଦାନ କରାଯାଉନଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଶିକ୍ଷକ ମାନେ ଅଭିଯୋଗ କରିବାକୁ ଆସିଲେ କାର୍ଯ୍ୟାଳୟରେ ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ନିରାଶ ହୋଇ ଫେରୁଛନ୍ତି ଏବଂ ବାରମ୍ବାର ଆସିବାକୁ ପଡୁଥିବା କହିଛନ୍ତି । ଏହାର କପି ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ଅଭିଯାନ, ଜିଲା ଶିକ୍ଷା ଅଧିକାରୀ , ଜିଲାପାଳ, ନିର୍ଦ୍ଦେଶକ ଓ ସଚିବ ଶିକ୍ଷା ବିଭାଗଙ୍କୁ ଦେଇ ସମାଧାନ ଦାବି କରିଛନ୍ତି।

# 'ପିଲାଙ୍କ ରାଜାରାମମୋହନ ରାୟ' ଉନ୍ମୋଚିତ

**ବାଲେଶ୍ୱର ଅଫିସ,୫।୨**

ବାଲେଶ୍ୱର ସହରସ୍ଥ ସୁଏଲ୍‌ପୁର ବ୍ରାହ୍ମସମାଜ ଉପାସନା କକ୍ଷରେ ବୁଧବାର ବ୍ରାହ୍ମସମାଜର ୧୯୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ 'ପିଲାଙ୍କ ରାଜାରାମମୋହନ ରାୟ' ପୁସ୍ତକ ଉନ୍ମୋଚିତ ହୋଇଛି। ଭାରତବର୍ଷର ମହାନ ସଂସ୍କାରକ, ସତୀଦାହ ପ୍ରଥା ଭଳି ଘୃଣ୍ୟ ପରମ୍ପରାର ଉଚ୍ଛେଦରେ ଅଗ୍ରସାରଥୀ, ବଙ୍ଗ ଭାଷାସାହିତ୍ୟର କିମ୍ବଦନ୍ତୀ ପୁରୁଷ, ଆଜୀବନ ସଂଗ୍ରାମୀ ତଥା ବ୍ରାହ୍ମସମାଜର ପ୍ରତିଷ୍ଠାତା ମହର୍ଷି ରାଜାରାମମୋହନ ରାୟଙ୍କ ସଂକ୍ଷିପ୍ତ ଜୀବନୀ ଓ ତାଙ୍କ କାଳଜୟୀ କୃତିକୁ ଓଡ଼ିଆ ଛାତ୍ରୀଛାତ୍ର ତଥା ସାଧାରଣ ପାଠକଙ୍କୁ ଜଣାଇବା ଉଦ୍ଦେଶ୍ୟରେ ଉକ୍ତ ପୁସ୍ତକ ପ୍ରକାଶ ପାଇଛି।

ଦିଲ୍ଲୀ ବ୍ରାହ୍ମସମାଜର ସଭାପତି ସଞ୍ଜୟ ଚନ୍ଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ବ୍ରାହ୍ମସମାଜର ଅନ୍ୟତମ ପ୍ରବକ୍ତା ତଥା ଲେଖକ ଇଂ. ଅମରେନ୍ଦ୍ର କର ଏବଂ ପୁସ୍ତକର ପ୍ରକାଶକ କବି କାଳୀପଦ ପଣ୍ଡା ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ବ୍ରାହ୍ମ ସମାଜର ସହକାରୀ ସମ୍ପାଦକ ବିଶ୍ୱରଞ୍ଜନ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ଓ ସଭାପତି ସୁଚିତ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ରାହ୍ମସମାଜର ବହୁ ସଦସ୍ୟଙ୍କ ସମେତ ସହରର ଅନେକ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ।


'ପିଲାଙ୍କ ରାଜାରାମମୋହନ ରାୟ' ପୁସ୍ତକର ଉନ୍ମୋଚନ କରାଯାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଫେବୃୟାରୀ ୬/୨୦୨୦ Balasore, Thursday, February 6/ 2020




# ବିଦେଶରୁ ମୃତଦେହ ଆଣିବା ପାଇଁ ଅଣ୍ଟା ଭିଡ଼ିଲେ କେନ୍ଦ୍ରମନ୍ତ୍ରୀ

**ବାଲେଶ୍ୱର ଅଫିସ, ୫।୨**

କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିଦେଶରେ ମୃତ୍ୟୁବରଣ କରିଥିବା ଦୁଇ ଓଡ଼ିଆ ଯୁବକଙ୍କ ମରଶରୀରକୁ ଫେରାଇବା ପାଇଁ ଅଣ୍ଟା ଭିଡ଼ିଥିବାର ଜଣାପଡ଼ିଛି।

ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ଜାପାନର ଏକ ହୋଟେଲରେ କାମ କରୁଥିବା ଅବସ୍ଥାରେ ଶ୍ୱାସରୁଦ୍ଧ ହୋଇ ବାଲେଶ୍ୱର ଜିଲାର ସେକ୍ ମନ୍‌ତାଜ ଓ ଯାଜପୁର ଜିଲା ସେକ୍ ବାରୁଦ୍ଦିନ ନାମକ ଦୁଇଜଣ ଗରୀବ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପାଇ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ମର୍ମାହତ ହୋଇଥିଲେ।


ବିଦେଶ ବିଭାଗ ମନ୍ତ୍ରୀଙ୍କ ସହ ସାକ୍ଷାତ କରି ଚିଠି ପ୍ରଦାନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ

ଏଥିସହ ତୁରନ୍ତ ସେମାନଙ୍କ ମରଶରୀରକୁ ଭାରତକୁ ଫେରାଇ ଆଣି ପରିବାରବର୍ଗଙ୍କୁ ହସ୍ତାନ୍ତର କରିବା ପାଇଁ ବୈଦେଶିକ ବିଭାଗ ମନ୍ତ୍ରୀ ଏସ ଜୟଶଙ୍କର ଓ ବିଭାଗୀୟ ସଚିବଙ୍କୁ ଚିଠି ଲେଖିଛନ୍ତି। ପରେ ବିଦେଶ ବିଭାଗ ମନ୍ତ୍ରୀଙ୍କ ସହ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରି ଦୁଇ ମୃତ ଯୁବକଙ୍କ ମୃତଦେହ ସରକାରୀ ଖର୍ଚ୍ଚରେ ଭାରତ ଆଣିବା ପାଇଁ ଅନୁରୋଧ କରିଛନ୍ତି। ତତ୍ ସଙ୍ଗେ ଜାପାନରେ ଥିବା ଭାରତୀୟ ଦୂତାବାସ ସହ କଥା ମଧ୍ୟ ହୋଇଛନ୍ତି। ମୃତ ଦେହ ଫେରାଇ ଆଣିବା ପାଇଁ ବୈଦେଶିକ ବିଭାଗ ପକ୍ଷରୁ କାଗଜପତ୍ର ପ୍ରସ୍ତୁତ କରାଯାଉଥିବାର ଜଣାପଡ଼ିଛି। ଏଥିନେଇ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ଓ ସଚିବଙ୍କୁ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପୋଲିସ ଗାଡି ଭଙ୍ଗାରୁଜା ଘଟଣା, ୫ ଗିରଫ

**ହାଟଡିହୀ,୫।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ତହସିଲ ଅଧିନ ଅଗ୍ରୋ-କରଗୋଳା ବୈତରଣୀ ନଦୀ ବାଲି ଘାଟ ବିବାଦ ସମାଧାନ କରିବା ଲାଗି ଗତ ଜାନୁୟାରୀ ୨୮ରେ ଆନନ୍ଦପୁର ଉପଖଣ୍ଡ ଅଧୀନ ବିଭିନ୍ନ ଥାନାର ଅଧିକାରୀ, ପୋଲିସ ଫୋର୍ସ, ତହସିଲଦାର, ଆରଆଇ ବାଲିଘାଟରେ ପହଞ୍ଚିଥିଲେ। ବାଲି ଉଠାଣ ଓ ପରିବହନ ସମୟରେ କେତେକ ଲୋକ ଏହାକୁ ବିରୋଧ କରିଥିଲେ । ସନ୍ଧ୍ୟା ସମୟରେ ପୋଲିସ ଫୋର୍ସର ୩ଟି ଗାଡ଼ିକୁ ଢେଲାମାଡ କରି ଭଙ୍ଗାରୁଜା କରିଥିଲେ । ଏହି ଘଟଣାରେ ମଙ୍ଗଳବାର ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଦଲ ଜେନା, ବନମାଳି ଜେନା, ମଥୁରା ଜେନା, କୋଦଣ୍ଡ ଜେନା, ପ୍ରମୋଦ ଜେନା। ଏଥିସହ ପୂର୍ବରୁ ୩୨ ଜଣଙ୍କ ନାମରେ ତହସିଲ ପକ୍ଷରୁ ୧୦୭ ମାମଲା ରୁଜୁ ହୋଇଛି । ଥାନା ଅଧିକାରୀ ପରେଶ ମହାନ୍ତି କହିଛନ୍ତି ଯେ, ଆଇନ ଅନୁସାରେ ପଦକ୍ଷେପ ନିଆଯାଉଛି।

## ଅଳିଆ ଆବର୍ଜନାର ସୁବିନିଯୋଗ କରି ଜୟସ୍ମିତା ପ୍ରଥମ

**ହାଟଡିହୀ, ୫।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପ୍ରହଲ୍ଲାଦ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ହାଟଡିହୀ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଜୟସ୍ମିତା ଚକ୍ର ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସଂସଦ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା କରାଯାଇଥିଲା । ଏଥିରେ ଛାତ୍ରୀ ଜୟସ୍ମିତା ଅଳିଆ ଆବର୍ଜନାର ସୁବିନିଯୋଗ ଉପରେ ଏକ ପ୍ରକଳ୍ପ ପ୍ରଦର୍ଶିତ କରି ସେ ସମ୍ପର୍କରେ ଉପସ୍ଥିତ ବିଚାରକମାନଙ୍କୁ ବୁଝାଇ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।




## ବ୍ରାଉନ ସୁଗାର ଜବତ: ଜଣେ ଗିରଫ

**ରାଇରଙ୍ଗପୁର,୫।୨(ଡି.ଏନ୍.ଏ.)**

ରାଇରଙ୍ଗପୁର ପୋଲିସ ବୁଧବାର ଚଢାଉ କରି ୧୨ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସର୍କଲ ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କ ନେତୃତ୍ୱରେ ଟାଉନ ଥାନା ଅଧିକାରୀ ଇନ୍‌ସପେକ୍ଟର ରେଣୁବାଳା ସାହୁ ଏବଂ ସବ୍‌ଇନ୍‌ସପେକ୍ଟର ସଙ୍ଗୀତା ଦାସ ସଦଳବଳେ କୁଚେଇବୁଢ଼ୀ ବସ୍ତୀ ଅଞ୍ଚଳ ରେଡକ୍ରସ ରାସ୍ତାରୁ ଉକ୍ତ ଚୋରା ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ହେଲେ ସହରାଞ୍ଚଳ ଠାକୁରାଣୀବେଢ଼ା ବସ୍ତୀ ଅଞ୍ଚଳର ଏମଡ଼ି ଦିଲଦାର (୨୫)। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୧ ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଗିରଫ ଦିଲଦାରଙ୍କଠାରୁ ପୋଲିସ ନଗଦ ୨ ହଜାର ୬୯ ଟଙ୍କା ସମେତ ୬ଟି ଏଟିଏମ୍ କାର୍ଡ, ଗୋଟିଏ ମୋବାଇଲ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୩/୨୦)ରେ ଏକ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ପକ୍ଷରୁ ସୂଚନା ଦିଆଯାଉଛି।




27
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ